**ପାଳଗଦାରୁ ୨ ବୋମା ଜବତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ଥାନା ନିକଟବର୍ତ୍ତୀ କଣାସ ଗ୍ରାମର କେଦାର ସାହୁଙ୍କ ପାଳଗଦାରୁ ଗୁରୁବାର ପୋଲିସ ଦୁଇଟି ବୋମା ଜବତ କରି ନଷ୍ଟ କରିଛି। ଖବର ନେବାରେ ଜଣାପଡ଼ିଛି, କେଦାରଙ୍କ ଘର ପଛପଟେ ଗୋରୁଙ୍କ ଲାଗି ଖାଇବାକୁ ରଖାଯାଥିବା ପାଳଗଦା ଭିତରେ ୨ଟି ବୋମା ଥିଲା। ସେ ପାଳଗଦାରୁ ପାଳ ଭିଡୁଥିବାବେଳେ ବୋମା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପରାମର୍ଶ କ୍ରମେ କଣାସ ଗ୍ରାମର ସନ୍ତୋଷ ମଲ୍ଲିକ ବୋମା ଉପରେ ପାଣି ଢାଳି ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମା ଜବତ କରି ନଷ୍ଟ କରିଥିବା ଜଣାପଡ଼ିଛି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୯।୧୨।୨୦୨୪

| | |
|---|---|
| ୪,୮୦,୦୬୮ ଟଙ୍କା | |
| ସୁନା | ୧୨.୫୫୦ ଗ୍ରାମ୍ |
| ରୁପା | ୧୧୪.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୋକାନରେ ଅଗ୍ନିକାଣ୍ଡ, କର୍ମଚାରୀ ଗୁରୁତର

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ କଲେଜ ଛକ ନିକଟସ୍ଥ ଦେବୀ ଫ୍ଲେକ୍ସ ଦୋକାନରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଅଗ୍ନିକାଣ୍ଡରେ ରାଜେଶ ନାମକ କର୍ମଚାରୀ ଗୁରୁତର ଆହତ ହୋଇ ପୁରୀ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ନିମାପଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି

ନିମାପଡ଼ା,୧୯।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପଲାଇନ ପକ୍ଷରୁ ଆସନ୍ତା ୨୫ ତାରିଖରେ ୨୪ତମ ନିମାପଡ଼ା ମହୋତ୍ସବ ସ୍ଥାନୀୟ ମୁକ୍ତାକାଶ ମଞ୍ଚଠାରେ ଅନୁଷ୍ଠିତ ହେବ। ସମାରୋହରେ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ, ଯାନବାହନ ପାର୍କିଂ, ବ୍ୟାରିକେଡ୍ ନିର୍ମାଣ ନିମନ୍ତେ ସୁବନ୍ଦୋବସ୍ତ ଓ କଟକଣା ଜାରି କରାଯିବା ସହ ପୋଲିସ ମୁତୟନ ରହିବେ। ଏନେଇ ଏସ୍‌ପି ବିନିତ୍ ଅଗ୍ରୱାଲ ମହୋତ୍ସବ ସ୍ଥାନ ପରିଦର୍ଶନ କରିଛନ୍ତି। ମହୋତ୍ସବ ସମୟରେ ମୁଖ୍ୟ ସହର ବଜାର, ମହୋତ୍ସବ ସ୍ଥଳୀକୁ ଦୋଳବେଦୀ ଛକ, ଡେଲ୍‌ଟା ଛକ, ମୁସଲମାନ ବସ୍ତି ଛକଠାରୁ କୌଣସି ଚାରିଚକିଆ ଯାନକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ କଟକଣା ଜାରି ହୋଇଛି। ଏସ୍‌ପିଙ୍କ ସହ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବାକୁ ମହୋତ୍ସବ କମିଟି ସଭାପତି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ୧୯୭୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ ୧୯୭୨ ମସିହା ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ର ବନ୍ଧୁମିଳନ କାର୍ଯ୍ୟକ୍ରମ ଗିରିଶ ବଗିଚାରେ ଅନୁଷ୍ଠିତ ହୋଇଯାଇଛି। ୫୦ଜଣ ସାଙ୍ଗ ଯୋଗଦେଇ ପରିବେଶ ସମ୍ପର୍କରେ ଆଲୋଚନା କରିବା ସହ ଅସହାୟ, ଗରିବ, ରୋଗାକ୍ରାନ୍ତଙ୍କୁ ସହଯୋଗ ପାଇଁ ଶପଥ ନେଇଥିଲେ। ସେହିପରି ସେମାନେ ପୁରୁଣା ଦିନର ସ୍ମୃତିଚାରଣ କରିବା ସହ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍

ପୁରୀ,୧୯।୧୨(ଅଜିତ କୁମାର ମହାନ୍ତି)

- ୨୫ରୁ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ
- ଆପରାଧିକ ଲିଙ୍କ୍ ଥିଲେ ବାଦ୍ ପଡ଼ିବେ

ଶ୍ରୀମନ୍ଦିର ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍। ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟକମାନେ ପିନ୍ଧିବେ କମଳା ରଙ୍ଗର ଗଞ୍ଜି। ସେହିପରି ଛପନ ଭୋଗ ବା ଶୁଖିଲା ଭୋଗ ବିକ୍ରିରେ ସହାୟକମାନେ ପିନ୍ଧିବେ ସବୁଜ ରଙ୍ଗର ଗଞ୍ଜି। ଆନନ୍ଦ ବଜାରରେ ଅନଧିକୃତ ବ୍ୟକ୍ତି ତଥା ଦଲାଲି ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଏବେ ସୁଦ୍ଧା ସହାୟକ ତାଲିକା ପ୍ରସ୍ତୁତି ପାଇଁ ସ୍କ୍ରିନି ଚାଲିଥିବା ବେଳେ ଆସନ୍ତା ୨୫ତାରିଖ ସୁଦ୍ଧା ସୂଚୀ ପ୍ରସ୍ତୁତ କରି ଡ୍ରେସ୍ କୋଡ୍ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆନନ୍ଦ ବଜାର ଶୃଙ୍ଖଳା ଅନ୍ତର୍ଗତ ବିଭିନ୍ନ ପଦକ୍ଷେପ ମଧ୍ୟରେ ଅଣଅଧିକୃତ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ରୋକିବା ତଥା ସହାୟକ ଚିହ୍ନଟ ଦିଗରେ ଏହା ବଡ଼ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ତେବେ ପୂର୍ବଭଳି ସୂପକାରମାନେ ପାରମ୍ପରିକ ପୋଷାକ ପିନ୍ଧିବେ।

ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟତା କରୁଥିବା ବ୍ୟକ୍ତି କମଳା ରଙ୍ଗର ଗଞ୍ଜି ପିନ୍ଧିବା ନେଇ ଯୋଜନା କରାଯାଉଛି। ଏହି ହାଫ୍ ଗଞ୍ଜିର ପଛ ପାର୍ଶ୍ୱରେ ଲେଖା ରହିବ ସୁଆର ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନର ଲେଖା। ଗଞ୍ଜି ଆଗ ପାର୍ଶ୍ୱରେ ରହିବ ନୀଳଚକ୍ର ଥିବା ଲୋଗୋ। ସେହିଭଳି ଛପନ ଭୋଗ ବା ଖଜା ବିକ୍ରିରେ ସହାୟତା କରୁଥିବା ବ୍ୟକ୍ତି ସବୁଜ ରଙ୍ଗର ହାଫ୍ ଗଞ୍ଜି ପିନ୍ଧିବେ। ସେଥିରେ ମଧ୍ୟ ନୀଳଚକ୍ର ଲୋଗୋ ସହ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିରର ନାମ ରହିବ। ଫଳରେ ଶ୍ରୀମନ୍ଦିର ଆନନ୍ଦ ବଜାରରେ କିଏ ଅଧିକୃତ ଅଥବା ଅନଧିକୃତ ସହଜରେ ଚିହ୍ନଟ ହୋଇପାରିବ। ଏହାଦ୍ୱାରା ଭକ୍ତମାନେ ଦଲାଲି ବା କମିଶନ୍‌ର ଶିକାର ହେବାରୁ ବଞ୍ଚିତ ହୋଇପାରିବେ ବୋଲି ସୁଆର ମହାସୁଆର ନିଯୋଗ ମତ ରଖିଛି। ଦୀର୍ଘବର୍ଷ ଧରି ଆନନ୍ଦ ବଜାରରେ ଅଣସେବାୟତଙ୍କ ଦୌରାତ୍ମ୍ୟ ରହିଥିଲା। ସୂପକାରମାନଙ୍କ ସହାୟକମାନେ ମଧ୍ୟ ସ୍ପଷ୍ଟ ବାରି ହୋଇପାରୁ ନ ଥିଲେ। ଫଳରେ ମହାପ୍ରସାଦ କିଣିବା ବେଳେ ଲୁଟ୍‌ର ଶିକାର ହେଉଥିଲେ ଭକ୍ତ। ତେବେ ଏହି ଡ୍ରେସ୍‌କୋଡ୍ ଲାଗୁ ହେଲେ ଏସବୁ ରୋକାଯାଇପାରିବ ବୋଲି ଆଶା ରହିଛି।

ଆସନ୍ତା ୨୫ ତାରିଖରୁ ଡ୍ରେସ୍ କୋଡ୍ ଲାଗୁ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି, ତେବେ ସ୍କ୍ରିନି ପାଇଁ ସାମାନ୍ୟ ବିଳମ୍ବ ହେଉଛି ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ଡ୍ରେସ୍‌କୋଡ୍ ଲାଗୁ ହେବା ପୂର୍ବରୁ ପ୍ରସ୍ତୁତ ହେବ ସହାୟକଙ୍କ ତାଲିକା। ଗୋଟିଏ ଦୋକାନରେ ୨ ଜଣ ସହାୟକ ରହିପାରିବେ। ସହାୟକଙ୍କ ସମସ୍ତ ରେକର୍ଡ ଯାଞ୍ଚ କରାଯାଇ ସ୍କ୍ରିନି କରାଯିବ। କ୍ରିମିନାଲ ରେକର୍ଡ ନ ଥିଲେ ତଥା ସମସ୍ତ ଗାଇଡ ଲାଇନ୍ ଅନୁସାରେ ଯୋଗ୍ୟ ହେଲେ ହିଁ ସହାୟକ ଭାବେ ଜଣେ ବ୍ୟକ୍ତି ରହିପାରିବେ। ତେଣୁ ସମସ୍ତ ସୂପକାରଙ୍କ ଠାରୁ ସହାୟକ ତାଲିକା ସଂଗ୍ରହ କରୁଛି ସୁଆର ମହାସୁଆର ନିଯୋଗ। ତାଲିକାକୁ ଏସ୍‌ପି ଅଫିସ୍ ପଠାଯାଇ କ୍ରିମିନାଲ ରେକର୍ଡ ଯାଞ୍ଚ କରାଯିବ। ଆପରାଧିକ ଲିଙ୍କ୍ ରହିଲେ ବାଦ୍ ପଡ଼ିବେ ସହାୟକ। ତେବେ ଭବିଷ୍ୟତ ପିଢ଼ିର ରୋଜଗାର ତଥା ସ୍ୱାବଲମ୍ବନକୁ ଦୃଷ୍ଟିରେ ରଖି ଗୋଟିଏ ପରିବାରକୁ ଗୋଟିଏ ଦୋକାନ ଦିଆଯିବା ପାଇଁ ଯୋଜନା କରାଯାଉଛି। ସେଥିପାଇଁ ସ୍କ୍ରିନି ଓ ଚୟନରେ ମଧ୍ୟ ବିଳମ୍ବ ଘଟୁଛି ବୋଲି ନିଯୋଗ ସମ୍ପାଦକ ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ଆନନ୍ଦ ବଜାର ଶୃଙ୍ଖଳା ପାଇଁ ଅବସରପ୍ରାପ୍ତ ଆର୍ମି କର୍ମଚାରୀଙ୍କୁ ନେଇ ଏନ୍‌ଫୋର୍ସ ମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଆଗକୁ ଦର ତାଲିକା ଓ ଭୋଗ ଷ୍ଟଲ୍ ଚିହ୍ନଟ ହେବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ସହ ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସମସ୍ତ ଭକ୍ତଙ୍କ ଇଚ୍ଛା ରହିଥାଏ କିପରି ଭଲରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଓ ମହାପ୍ରସାଦ ସୁବିଧାରେ ପାଇବେ। ତେଣୁ ଏ ନେଇ ଅନେକ ସମୟରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି, ଯେଉଁଥିରେ ଏ ସଂକ୍ରାନ୍ତ ଆଲୋଚନା ହୋଇଛି। ତେବେ ସୁଆର ମହାସୁଆର ନିଯୋଗ ପକ୍ଷରୁ ଡ୍ରେସ୍ କୋଡ୍ ଲାଗୁ ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳରେ ଭକ୍ତମାନେ ଶୋଷଣ ହେବେନାହିଁ। ତେବେ ଓମ୍‌ଫେଡ୍ ଘିଅର ବ୍ୟବହାର ଯୋଗୁ ମହାପ୍ରସାଦ ଦର ବୃଦ୍ଧି ପାଇଛି। ଏହି ଉପରେ ନଜର ରଖାଯାଇଛି ବୋଲି ପାଢ଼ୀ କହିଛନ୍ତି।

## ଭାଜପା ଯୁବମୋର୍ଚ୍ଚାର ରାହୁଲଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ




ଅସ୍ତରଙ୍ଗ,୧୯।୧୨(ମମତା ଜେନା)

**ଏମ୍‌ପିଙ୍କୁ ଆକ୍ରମଣର ପ୍ରତିବାଦ**

ସଂସଦରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଠେଲାପେଲା ଓ ଆକ୍ରମଣ ପ୍ରତିବାଦରେ ଗୁରୁବାର କାକଟପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଯୁବମୋର୍ଚ୍ଚାର ଜିଲା ସଂଯୋଜକ ପ୍ରିୟବ୍ରତ ବିଶ୍ୱାଳ ଓ ରାଜ୍ୟ ସଂଯୋଜକ ରଜନୀ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବଜାର ପରିକ୍ରମା କରି ମୁଖ୍ୟ ବଜାରରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ରଥ, ଆଦିତ୍ୟ ରାଉତ, ଜ୍ୟୋତି, ରକି, ସୋମୁ, ରମେଶ, ତାରକ, ଜୀବନ, ବିଷ୍ଣୁ, ପ୍ରକାଶ, ସୁବ୍ରତ ପ୍ରମୁଖ ଶତାଧିକ ସଭ୍ୟ ଯୋଗଦେଇଥିଲେ।

## ଶିଶୁଙ୍କୁ ଉପଯୁକ୍ତ ସଂସ୍କାର ଦିଆଯାଉ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବଳଙ୍ଗା,୧୯।୧୨(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଜୟନାରାୟଣ ଦାଶଙ୍କ ସଭାପତିତ୍ୱରେ ପ୍ରଥମ ବାର୍ଷିକୋତ୍ସବ ବାଲିଘାଇ ଛକଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଶିଶୁ ମନ୍ଦିରର ଉତ୍ତରୋତ୍ତର ଉନ୍ନତି ହେବାର ଆଶ୍ୱାସନା ଦେଇଥିଲେ। ମୁଖ୍ୟବକ୍ତା ରୂପେ ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କ୍ଷୀରୋଦ କୁମାର ରାୟ ମହାପାତ୍ର ଯୋଗଦେଇ ଶିଶୁମାନଙ୍କୁ ଠିକ୍ ସଂସ୍କାର ଦେବା ତଥା ଆଦର୍ଶ ଜୀବନଯାପନ ସୁଯୋଗ ଦେବା ଉପରେ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା ସଙ୍କୁଳ ସଭାପତି ବାବୁଲି ମହାପାତ୍ର, ପରିଚାଳନା କମିଟି ସମ୍ପାଦକ ପ୍ରମୋଦ କୁମାର ସାହୁ ଓ ସଭାପତି ଜୟନାରାୟଣ ଦାଶ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ଖେଳକୁଦରେ କୃତିତ୍ୱ ଅର୍ଜନ କରି ସ୍ୱର୍ଣ୍ଣ ପଦକ ପ୍ରାପ୍ତ ମେହକ ନସରିନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ ଶିଶୁ ମନ୍ଦିରର ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ସତ୍ୟବ୍ରତ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ବାସନ୍ତୀ ସାହୁ ସଂଯୋଜନା କରିଥିଲାବେଳେ ଆଚାର୍ଯ୍ୟା ସୋନାଲି ସାହୁ ମନ୍ତ୍ରପାଠ, ଗୁରୁବନ୍ଦନା ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ।




ପୁରୀ ହରଚଣ୍ଡୀସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ରମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପ୍ରଧାନ ଶିକ୍ଷକଙ୍କୁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାରଣଦର୍ଶାଅ ନୋଟିସ

ଡେଲାଙ୍ଗ,୧୯।୧୨(ରଶ୍ମିରଞ୍ଜନ ପ୍ରଧାନ)

**ବୃତ୍ତି ପରୀକ୍ଷା ସମୟକୁ ନେଇ ଅଭିଭାବକ ମହଲରେ ଉତ୍ତେଜନା**

ଡେଲାଙ୍ଗ ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ପରୀକ୍ଷା ସମୟକୁ ନେଇ ଅବହେଳା ହୋଇଥିବା ଅଭିଯୋଗରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ମଧ୍ୟରେ ଉତ୍ତର ରଖିବାକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୭ ଜଣ ଓ ରାଧାକାନ୍ତ ବିଦ୍ୟାପୀଠରେ ୧୦୯ ଜଣଙ୍କ ମଧ୍ୟରୁ ୧୦୬ ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀ ବୃତ୍ତିପରୀକ୍ଷା ଦେଇଛନ୍ତି। ତେବେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଗତ ୧୭ ତାରିଖରେ ପ୍ରେରିତ ପରୀକ୍ଷା ପ୍ରବେଶ ପତ୍ରରେ ପରୀକ୍ଷା ସମୟ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଉଲ୍ଲେଖ ରହିଥିଲା। ଛାତ୍ରୀଛାତ୍ର ସକାଳ ୮ଟା ୩୦ରୁ ୯ଟା ମଧ୍ୟରେ ବିଦ୍ୟାଳୟରେ ପହଞ୍ଚିଥିବାବେଳେ ବିଦ୍ୟାଳୟ ଫାଟକ ଖୋଲି ନ ଥିଲା। ଉକ୍ତ ବିଦ୍ୟାଳୟର ତତ୍ତ୍ୱାବଧାରକ ପରୀକ୍ଷା ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଥିବା ନେଇ ଫାଟକ ୧୦ଟାରେ ଖୋଲାଯିବ ବୋଲି ସଫେଇ ଦେଇଥିଲେ। ଏହାକୁ ନେଇ ଉପସ୍ଥିତ ଅଭିଭାବକଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲା। ଏ ସମ୍ପର୍କରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଧାନ କହିଛନ୍ତି, ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ପରୀକ୍ଷା ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହେବ ବୋଲି ହ୍ୱାଟସ୍ ଆପ୍‌ରେ ବାର୍ତ୍ତା ପ୍ରେରଣ କରାଯାଇଥିଲା। କିନ୍ତୁ ପ୍ରଧାନ ଶିକ୍ଷକମାନେ ସବୁ ଅଭିଭାବକଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇ ପାରି ନ ଥିଲେ। ପ୍ରବେଶ ପତ୍ରର ଉଲ୍ଲେଖ ସମୟ ଅନୁସାରେ ଛାତ୍ରୀଛାତ୍ର ପହଞ୍ଚିଥିଲେ। ଏନେଇ ଅଭିଭାବକମାନେ କହିଛନ୍ତି, ଲିଖିତ ସମୟକୁ ଆମେ ବିଶ୍ୱାସ କଲୁ। ପ୍ରଧାନ ଶିକ୍ଷକମାନେ ପରୀକ୍ଷା ସମୟ ଅବଗତ କରାଇବାରେ ଅବହେଳା କରିଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ।

## ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଲେ ୬୫ ଛାତ୍ରୀଛାତ୍ର

ଯୋଗେଶ୍ୱରପୁର,୧୯।୧୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ନୟାହାଟ ଅଞ୍ଚଳର ଇସାଣପୁର ପଞ୍ଚାୟତ କଦମ୍ବପାଟଣା ୟୁଜିଏମ୍ ସ୍କୁଲରେ ଗୁରୁବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥ, ଦେଉଳି, ସିଙ୍ଗପାନିଆଁ, ବରିମୁଣ୍ଡ, କଦମ୍ବପାଟଣା କ୍ଲଷ୍ଟରର ୬୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ବୋଲି ସିଆର୍‌ସିସି ଅରବିନ୍ଦ ସାହୁ କହିଛନ୍ତି। ଗୋପ ବ୍ଲକର ଏବିଓ ଅଶୋକ ବେହେରା ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ

ପୁରୀ,୧୯।୧୨(ଅଜିତ କୁମାର ମହାନ୍ତି)

ହରଚଣ୍ଡୀସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ମାଧବ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହସମ୍ପାଦିକା ମମତାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

## କଳାପାଞ୍ଚଣ ପଞ୍ଚାୟତରେ ଭାଜପାର ବୈଠକ



ଚାରିଛକ,୧୯।୧୨(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତରେ ଭାଜପା ସଭାପତି ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମହାଦଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ବୈଠକରେ ପୂର୍ବତନ ୨୧ ନଂ ଜିଲାପରିଷଦ ସଭ୍ୟ ତଥା ଜଗତ୍‌ସିଂହପୁର ଏମ୍‌ପିଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାୟକ, ଉକ୍ତ ପଞ୍ଚାୟତ ପ୍ରଭାରୀ ଧ୍ରୁବ ସାହୁ ଓ ମଣ୍ଡଳ ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି ଯୋଗଦେଇଥିଲେ। ନୂତନ ଡବଲ ଇଞ୍ଜିନ ଭାଜପା ସରକାର ସମୟରେ ସୁଭଦ୍ରା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଭିନ୍ନ ପ୍ରକାର ଭତ୍ତା, ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା ଆଦି ବିଭିନ୍ନ ଯୋଜନାର ଲାଭ ପାଇବା ସହିତ କିଭଳି ଡିଜିଟାଲ ମୋବାଇଲ ମାଧ୍ୟମରେ ଅନଲାଇନରେ ଆବେଦନ କରିବେ ସେ ନେଇ ବୈଠକରେ ଉପସ୍ଥିତ ଥିବା ନେତାମାନେ ବୁଝାଇଥିଲେ। ଦଳିତ ମହିଳା ଓ ପୁରୁଷଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜ୍ୟୋତିରଞ୍ଜନ ପାତ୍ର, ଭାଗୀରଥି ମଲ୍ଲିକ, ଦେବେନ୍ଦ୍ର ବାରିକ, ବାବୁରାମ ପାତ୍ର, ଦୁଃଶାସନ ପାତ୍ର, ଗଣେଶ ନାୟକ, ମାଧବ କାଣ୍ଡି, ନରିଆ ଲେଙ୍କା, ଅକ୍ଷୟ ଭୋଇ, ସଞ୍ଜୟ ଭୋଇ, ବିପିନ ଭୋଇ, ବିନୋଦ ବେହେରା, କାଶୀନାଥ ଚଇନି ଏବଂ କୁମର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଦିନ ମଧ୍ୟରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି

ଡେଲାଙ୍ଗ,୧୯।୧୨(ରଶ୍ମିରଞ୍ଜନ ପ୍ରଧାନ)

**ଗାଁ ସମସ୍ୟା ନେଇ ସରପଞ୍ଚଙ୍କୁ ମହିଳା ଗୋଷ୍ଠୀର ଅଭିଯୋଗ**

ଗାଁ ମୁଣ୍ଡରେ ଥିବା କ୍ଷେତ୍ରପାଳି ପୋଖରୀର ପୁନରୁଦ୍ଧାର, ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଗାଧୁଆ ତୁଠ ଓ ପୋଷାକ ବଦଳ ଗୃହ ନିର୍ମାଣ, ୩ ବର୍ଷ ଧରି ଅଧାଗଢ଼ା ଥିବା ଅଙ୍ଗନୱାଡି ଗୃହର ସମ୍ପୂର୍ଣ୍ଣ ନିର୍ମାଣ ଓ ଗାଁରେ ଥିବା ବର୍ଜ୍ୟବସ୍ତୁ କୁଣ୍ଡରୁ ନିୟମିତ ବ୍ୟବଧାନରେ ବର୍ଜ୍ୟ ସାମଗ୍ରୀ ପରିଷ୍କାର ଆଦି ସମସ୍ୟାର ପ୍ରତିକାର ଦାବି ନେଇ ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ସାନଆଙ୍କୁଲା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଗ୍ରାମର ଅବସରପ୍ରାପ୍ତ ନାବାର୍ଡ ଉପ ମହାପ୍ରବନ୍ଧକ ଜିତେନ୍ଦ୍ରୀୟ ପଟ୍ଟନାୟକ ଓ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଡେଲାଙ୍ଗ ବିଡିଓ କ୍ଷୀରୋଦ ବେହେରା ଓ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପ୍ରଦାନ ପୂର୍ବକ ଯଥାଶୀଘ୍ର ପ୍ରତିକାର ନିବେଦନ କରାଯାଇଥିଲା। ଏଥିରେ ବିଳମ୍ବ ହେବାରୁ ୱାର୍ଡ ସଭ୍ୟା ମିନାକ୍ଷୀ ନାୟକ, ମହିଳା ଗୋଷ୍ଠୀର ସନ୍ଧ୍ୟାରାଣୀ ଦଳେଇ, ମମତା ନାୟକ ଓ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ସ୍ଥାନୀୟ ସରପଞ୍ଚ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମର ୩ଟି ଜଳାଶୟରୁ ୨ଟିର ପୂର୍ବରୁ ପୁନରୁଦ୍ଧାର ହୋଇଛି। କ୍ଷେତ୍ରପାଳି ପୋଖରୀକୁ ଅମୃତ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପୁନରୁଦ୍ଧାର ସହ କେବଳ ଅଙ୍ଗନୱାଡି ଗୃହକୁ ଛାଡ଼ି ଅନ୍ୟ ସମସ୍ତ ଦାବି ୭ ଦିନ ମଧ୍ୟରେ ଦାବି ପୂରଣ ହେବ ବୋଲି ସରପଞ୍ଚ ମହିଳା ଗୋଷ୍ଠୀଙ୍କୁ ଆଶ୍ୱାସନା ଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରର ସମ୍ପୂର୍ଣ୍ଣ ନିର୍ମାଣ ବ୍ଲକ କାର୍ଯ୍ୟାଳୟର ଦାୟିତ୍ୱ ବୋଲି କହି ଏ କ୍ଷେତ୍ରରେ ସେ ଅସହାୟ ବୋଲି ପ୍ରକାଶ କରିଥିଲେ।

ଉଲ୍ଲେଖନୀୟ ଯେ, ୨୦୨୦-୨୧ରେ ନିର୍ମାଣ ଆରମ୍ଭ ହୋଇଥିବା ଅଙ୍ଗନୱାଡି ଗୃହ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଶିଶୁମାନେ ସ୍ଥାନୀୟ ବିଦ୍ୟାଳୟ ବାରଣ୍ଡାରେ ବସିବାକୁ ବାଧ ହେଉଛନ୍ତି ବୋଲି ସଭ୍ୟା ମିନାକ୍ଷୀ ଅଭିଯୋଗ କରିଛନ୍ତି। ଡେଲାଙ୍ଗ ବିଡିଓ ଓ ପୁରୀ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।



ସରପଞ୍ଚଙ୍କୁ ମହିଳାମାନେ ଦାବିପତ୍ର ଦେଉଛନ୍ତି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ସପ୍ତାହ

ଚାରିଛକ,୧୯।୧୨(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଫିଟ୍ ଇଣ୍ଡିଆ ସପ୍ତାହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ବିନୋଦିନୀ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଶାରୀରିକ ସୁସ୍ଥତା ଓ ଦୀର୍ଘ ଜୀବନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ଅଗଷ୍ଟ ୨୯ରୁ ପ୍ରାରମ୍ଭ କରିଥିବା ଏହି କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଧ୍ୟକ୍ଷା ଦାଶ କହିଥିଲେ। ଏହି ସପ୍ତାହ ପାଳନ ଅବସରରେ ଛାତ୍ରୀଙ୍କ ମଧ୍ୟରେ ଫିଟ୍ ଇଣ୍ଡିଆ ସମ୍ବନ୍ଧୀୟ ତର୍କ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ଦୌଡ଼କୁଦ ପ୍ରତିଯୋଗିତା, ଲମ୍ଫ ଡିଆଁ, ଶଟ୍‌ପୁଟ, ସଚେତନତା ରାଲି କରାଯାଇଥିଲା। ସମସ୍ତଙ୍କୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ରେଳ ଓଭରବ୍ରିଜ୍ ନିର୍ମାଣ ନେଇ ସମୀକ୍ଷା

ସାକ୍ଷୀଗୋପାଳ, ୧୯।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସହ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସାକ୍ଷୀଗୋପାଳ ବଜାର ମଧ୍ୟ ଦେଇ ଯାଇଥିବା ଖୋର୍ଦ୍ଧା-ପୁରୀ ରେଳପଥ ଉପରେ ପ୍ରସ୍ତାବିତ ରେଳ ଓଭରବ୍ରିଜ ଓ ବାସୁକେରା ରେଳଫାଟକ ନିକଟରେ ଏକ ନୂତନ ଓଭରବ୍ରିଜ ନିର୍ମାଣ ନିମନ୍ତେ ଏକ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସହ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ରେଳ ବିଭାଗର ଏକ ବୈଷୟିକ ଦଳ ଶୁକ୍ରବାର ସତ୍ୟବାଦୀ ଆସି ସ୍ଥିତି ପରଖିଥିଲେ।

ଦ୍ରୁତଗାମୀ ରେଳ ଚଳାଚଳ, ଲୋକଙ୍କ ସୁରକ୍ଷିତ ଯାତ୍ରା, ରେଳଦୁର୍ଘଟଣାଜନିତ କ୍ଷୟକ୍ଷତି ରୋକିବ ସହ ପ୍ରତ୍ୟେକ ରେଳଫାଟକ ଉପରେ ନୂତନ ଓଭରବ୍ରିଜ ନିର୍ମାଣ ନେଇ ସେମାନେ ଆଲୋଚନା କରିଥିଲେ। ସାକ୍ଷୀଗୋପାଳ ବଜାର ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ନିମନ୍ତେ ଆସନ୍ତା ଜାନୁୟାରୀରୁ ଜମି ଅଧିଗ୍ରହଣ ଆରମ୍ଭ ହେବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ସେହିଭଳି ବାସୁକେରା ରେଳଫାଟକ ନିକଟରେ ନୂତନ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ଏହାର ଦୈର୍ଘ୍ୟ, ପ୍ରସ୍ଥ, ଲମ୍ବ, ପାର୍ଶ୍ୱକାନ୍ଥ, ସଂଯୋଗୀ ରାସ୍ତା ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ। ବିସ୍ଥାପିତ ଲୋକଙ୍କ ସ୍ଥିତି, ଥଇଥାନ ବ୍ୟବସ୍ଥା, ଜମି ହରାଇଥିବା କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ଆର୍ଥିକ ସହାୟତା ଦିଆଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଉକ୍ତ ବୈଷୟିକ ଦଳରେ ପୂର୍ତ୍ତ ବିଭାଗ ବରିଷ୍ଠ ଅଧିକାରୀ (ଇଆଇସି ସିଭିଲ) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟଯନ୍ତ୍ରୀ (ବ୍ରିଜ୍) ଦୁର୍ଗାଚରଣ ବେହେରା, ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରଶ୍ମିରଞ୍ଜନ ସାହୁ, ଅବସରପ୍ରାପ୍ତ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଭାଜପା ନେତା ତ୍ରିଲୋଚନ ରଥ, ସାକ୍ଷୀଗୋପାଳ ବଜାର କମିଟି ଉପସଭାପତି ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଏହି ବୈଷୟିକ ଦଳକୁ ବିଭିନ୍ନ ସୂଚନା ଦେବାରେ ସହାୟତା କରିଥିଲେ।

# ନୂଆ ରୂପ ନେଉଛି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର

ଭୁବନେଶ୍ୱର, ୧୯।୧୨ (ସୁଚିସ୍ମିତା ସାହୁ)

ଖୁବ୍‌ଶୀଘ୍ର ବଦଳିବ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ରୂପ। ପିଲାଙ୍କ ମନୋରଞ୍ଜନ ସହିତ ବିଜ୍ଞାନ ପ୍ରତି ଆକର୍ଷିତ କରିବାଲାଗି ଗଢ଼ା ହୋଇଥିବା ବିଜ୍ଞାନ କେନ୍ଦ୍ର ଏବେ ସବୁ ବୟସର ଲୋକଙ୍କୁ ଜ୍ଞାନ ପ୍ରଦାନ ଲାଗି ଯୋଜନା ଆରମ୍ଭ ହୋଇଛି। ଏହାସହ ଫନି ବାତ୍ୟାରେ କ୍ଷତିଗ୍ରସ୍ତ 'ପ୍ରି-ହିଷ୍ଟୋରିକ ଲାଇଫ୍ ପାର୍କ'ର ପୁନରୁଦ୍ଧାର କରାଯାଉଛି। ଏହାକୁ ଫେବୃଆରୀରେ ଖୋଲିବାକୁ ଯୋଜନା ରହିଥିବାବେଳେ ବିଜ୍ଞାନ କେନ୍ଦ୍ରର ଅନ୍ୟତମ ଆକର୍ଷଣ ପାଲଟିବ। ସେହିଭଳି ଫିୟର ଅଫ୍ ନଲେଜ, ସେଲ୍‌ଫି ପଏଣ୍ଟ, ଔଷଧୀୟ ବଗିଚା, ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁବିଧା ଭଳି ବିଭିନ୍ନ ପ୍ରକାର ମଡେଲ ପ୍ରସ୍ତୁତ କରାଯାଉଛି ବୋଲି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ କହିଛନ୍ତି।





## ଆକର୍ଷଣ ସାଜିବ ପ୍ରି ହିଷ୍ଟୋରିକ ଲାଇଫ୍ ପାର୍କ

ଜୀବନ୍ତ ଡାଇନୋସର କି ଲୋମଶ ଗଣ୍ଡା ନୁହେଁ, ସେମାନଙ୍କ ଭଳି ମେଗାଥେରିଅମ, ସ୍ମାଇଲୋଡନ, ଲୋମଶ ବୃହତକାୟ ହାତୀ, ଆଙ୍କିଲୋସରସ ଆଦି ବହୁ ଲୁପ୍ତପ୍ରାୟ ବିରଳ ଜୀବଜନ୍ତୁଙ୍କ ଅବିକଳ ପ୍ରତିକୃତ ଏଠାରେ ରହିଛି। ପ୍ରତିକୃତିଗୁଡିକ ଜୀବନ୍ତ ପ୍ରାଣୀ ଭଳି ଗତିଶୀଳ ହେବା ସହ ସ୍ୱର ଦେବ। ଏଥିସହ ଜୀବଜନ୍ତୁଗୁଡିକର ଓଜନ, ଉଚ୍ଚତା, ଖାଦ୍ୟ ଓ କେଉଁ ଅଞ୍ଚଳର ତାହାର ତଥ୍ୟ ରହିବ। ପୃଥିବୀ ପୃଷ୍ଠରେ ଜୀବନ ବିବର୍ତ୍ତନର କାହାଣୀ ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ' ମାଧ୍ୟମରେ ଦେଖିପାରିବେ। ଆଦିମ ମଣିଷର କାହାଣୀ ଓ ଚାଲିଚଳଣି ବିଷୟରେ ଆହୁରି ଅଧିକ କିଛି ଜାଣିବାକୁ ମିଳିବ। ପିଲାଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ଏଠାରେ ସଫାରି ବୁଲିବାର ଅନୁଭୂତି ପାଇବେ। ଏହି ପାର୍କଟି ସବୁବର୍ଗର ଲୋକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିବ।

## ଫିୟର ଅଫ୍ ନଲେଜ

ପିଲାମାନେ ଫିୟର ଅଫ୍ ନଲେଜ ମାଧ୍ୟମରେ ସୌରଜଗତରେ ଘଟୁଥିବା ସମସ୍ତ ଘଟଣାକୁ ସିଧାସଳଖ ଭାବେ ଦେଖିପାରିବେ। ସୂର୍ଯ୍ୟଙ୍କଠାରୁ ଆରମ୍ଭ କରି ଗ୍ରହ ନକ୍ଷତ୍ର, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ଭଳି ସମସ୍ତ ଘଟଣା ସମ୍ପର୍କରେ ଜାଣିପାରିବେ। ପ୍ରୋଜେକ୍ଟରରେ ଥିବା ଗ୍ଲୋବ୍ ଉପରେ ହିଁ ପିଲାମାନେ ଏସବୁ ଦେଖିପାରିବେ। ଗ୍ଲୋବ୍ ଉପରେ ତିନି ପଟୁ ଲାଇଟ୍ ପଡୁଥିବାରୁ ସମସ୍ତ କୋଣକୁ ଦେଖିବାକୁ ସୁଯୋଗ ପାଇପାରିବେ। ବିଜ୍ଞାନ ପ୍ରତି ଆଗ୍ରହ ଥିବା ବିଦ୍ୟାର୍ଥୀମାନେ ଯାହା ବହିରେ ପଢୁଛନ୍ତି ତାହାର ସମ୍ପୂର୍ଣ୍ଣ ଚିତ୍ର ଏଠାରେ ପାଇପାରିବେ।





## ବରିଷ୍ଠ ନାଗରିକ, ଯୁବପିଢ଼ିଙ୍କ ପାଇଁ ନୂଆ ଯୋଜନା

ସ୍କୁଲ ଓ କଲେଜ ପିଲାଙ୍କୁ ଆକୃଷ୍ଟ କରୁଥିବା ସାଇନ୍ସ ପାର୍କ ଏବେ ବରିଷ୍ଠ ନାଗରିକଙ୍କୁ ମଧ୍ୟ ଆକର୍ଷିତ କରିବ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ସେମାନେ ବ୍ୟାୟାମ ଓ ଯୋଗ କରିବା ଭଳି ସୁବିଧା ପାଇପାରିବେ। ପାର୍କରେ ବରିଷ୍ଠ ନାଗରିକଙ୍କୁ ଆକୃଷ୍ଟ କରିବା ଭଳି କିଛି ମଡେଲ ରଖାଯିବା ସହିତ ଛୋଟ ପିଲାଙ୍କ ପାଇଁ ଚିଲଡ୍ରେନ ପାର୍କ କରାଯିବ। ପିଲାମାନେ ଖେଳ ମାଧ୍ୟମରେ ବିଜ୍ଞାନ ତଥ୍ୟ ଜାଣିବାର ସୁବିଧା ପାଇପାରିବେ। ପାର୍କର ବିଭିନ୍ନ ସ୍ଥାନରେ ସେଲ୍‌ଫି ଜୋନ କରାଯିବ। ସେଠାରେ ଥିବା ଠେକୁଆ ଓ ପକ୍ଷୀଙ୍କ ପାଇଁ ନୂତନ ଘର କରାଯାଇଛି ଯାହା ପିଲାଙ୍କୁ ଅଧିକ ଆକୃଷ୍ଟ କରିବ। ଏଥିସହ ଚାଲିବା ପାଇଁ ସ୍ୱତନ୍ତ୍ର ରାସ୍ତା ତିଆରିର ଯୋଜନା ରହିଛି। ବିଜ୍ଞାନ କେନ୍ଦ୍ର ପରିସରରେ ଔଷଧୀୟ ଉଦ୍ଭିଦ ଉଦ୍ୟାନ ଆରମ୍ଭ କରାଯାଇଛି। ଏହି ଉଦ୍ୟାନରେ ୩ହଜାରରୁ ଅଧିକ ପ୍ରକାରର ଗଛ ଲଗାଯିବାର ଯୋଜନା ରହିଥିବାବେଳେ ଏଥିମଧ୍ୟରେ ଅଶୋକ, ନିମ୍ବ ଗଛ, ଭୂଇଁ ପିତା, ଘି'କୁଆଁରି, ତୁଳସୀ, ବ୍ରାହ୍ମି, ମେଥି, ଚନ୍ଦନ ଭଳି ୫ଶହ ପ୍ରକାରର ଔଷଧୀୟ ଗଛ ରହିବ। ଡିଜିଟାଲ ମାଧ୍ୟମରେ ଏଠାରେ ଥିବା ଔଷଧୀୟ ଗଛଗୁଡିକର ତଥ୍ୟ ମିଳିପାରିବ।

# ଶ୍ରୀମନ୍ଦିର ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍

ପୁରୀ, ୧୯।୧୨ (ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍। ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟକମାନେ ପିନ୍ଧିବେ କମଳା ରଙ୍ଗର ଗଞ୍ଜି। ଏହି ହାଫ୍ ଗଞ୍ଜି ପଛ ପାର୍ଶ୍ୱରେ ସୁଆର ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନର ଲେଖା ରହିବ। ଗଞ୍ଜି ଆଗ ପାର୍ଶ୍ୱରେ ରହିବ ନୀଳଚକ୍ର ଥିବା ଲୋଗୋ। ସେହିପରି ଛପନ ଭୋଗ ବା ଶୁଖିଲା ଭୋଗ ବିକ୍ରିରେ ସହାୟକମାନେ ପିନ୍ଧିବେ ସବୁଜ ରଙ୍ଗର ଗଞ୍ଜି। ସେଥିରେ ମଧ୍ୟ ନୀଳଚକ୍ର ଲୋଗୋ ସହ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ନାମ ରହିବ। ଆନନ୍ଦ ବଜାରରେ ଅନଧିକୃତ ବ୍ୟକ୍ତି ତଥା ଦଲାଲି ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଆସନ୍ତା ୨୫ତାରିଖ ସୁଦ୍ଧା ସୂଚୀ ପ୍ରସ୍ତୁତ କରି ଡ୍ରେସ୍ କୋଡ୍ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବଭଳି ସୂପକାରମାନେ ପାରମ୍ପରିକ ପୋଷାକ ପିନ୍ଧିବେ। ତେବେ କୌଣସି ଆପରାଧିକ ଲିଙ୍କ୍ ରହିଥିଲେ ଚୟନରୁ ସହାୟକ ବାଦ୍ ପଡ଼ିବେ।

# ହୀରାପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଘାଟିତ

ବାଲକାଟୀ, ୧୯।୧୨ (ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟସ୍ଥ ହୀରାପୁର ଖେଳପଡ଼ିଆରେ ଗୁରୁବାର ସପ୍ତମ ହୀରାପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ବିକ୍ରମ କେଶରୀ ମହାନ୍ତି ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ବରିଷ୍ଠ ଖବରଦାତା ବଙ୍କିମ ଚନ୍ଦ୍ର ନାୟକ, ଅନୁଷ୍ଠାନ ଉପଦେଷ୍ଟା ଚକ୍ରଧର ନାୟକ, ସିଦ୍ଧେଶ୍ୱର ନାୟକ, ରବୀନ୍ଦ୍ର ନାୟକ, ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ଖେଳ ଶେଷରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ସ୍ମାର୍ଟ ବଜାରରୁ ଚୋରି, ୨ ଗିରଫ

ଭୁବନେଶ୍ୱର, ୧୯।୧୨ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଥିବା ସ୍ମାର୍ଟ ବଜାରରୁ କୌଶଳ କରି ଗ୍ରୋସେରି ଚୋରି କରିବା ଅଭିଯୋଗରେ ଦୁଇ ଯୁବକ ପୋଲିସ ହାତରେ ଧରାପଡ଼ିଛନ୍ତି। ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତଦ୍ୱୟ ହେଲେ ତମାଣ୍ଡୋ ଥାନା ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳର ଦୀପକ କୁମାର ସାହୁ (୨୪) ଓ ଜଗତ୍‌ସିଂପୁର ଅଞ୍ଚଳର ରାକେଶ କୁମାର ସାହୁ (୨୧)। ସେମାନଙ୍କଠାରୁ ବିଭିନ୍ନ ଗ୍ରୋସେରି ସାମଗ୍ରୀ ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ଉକ୍ତ ସ୍ମାର୍ଟ ବଜାରରୁ କିଣାକିଣି କରିବାକୁ ଯାଇଥିଲେ। ତେବେ ସେହି ସମୟରେ ଉଭୟେ କୌଶଳ କ୍ରମେ ଗ୍ରୋସେରି ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଚୋରି ବିଷୟରେ ଜଣାପଡ଼ିବା ପରେ ଅଭିଯୋଗକାରୀ ଆସିଷ୍ଟାଣ୍ଟ ସେଲ୍ସ ମ୍ୟାନେଜର ଶୈଳେନ୍ଦ୍ର ଜେନା ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୭୫୫/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଯାଞ୍ଚ କରି ପୋଲିସ ସିଆର୍‌ପି ଛକ ନିକଟରୁ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା।

# ରାଜଧାନୀରେ ପ୍ରି-କ୍ରିସ୍‌ମସ୍ ପାଳନ

ଭୁବନେଶ୍ୱର, ୧୯।୧୨ (ସୌମ୍ୟରଞ୍ଜନ ରାଉତ)




କ୍ରିସ୍‌ମସ୍ ଓ ବଡ଼ଦିନ ଲାଗି ଏବେଠୁ ଚର୍ଚ୍ଚରେ ଉତ୍ସବ ଆରମ୍ଭ ହୋଇଗଲାଣି। ରଙ୍ଗବେରଙ୍ଗର ଆଲୋକମାଳାରେ ଚର୍ଚ୍ଚଗୁଡିକ ସଜେଇ ହେଲାଣି। ଗୁରୁବାର ୟୁନିଟ୍-୪ସ୍ଥିତ ୟୁନିୟନ୍ ଚର୍ଚ୍ଚରେ ଖ୍ରୀଷ୍ଟିଆନ୍ ମହିଳା ସମିତି ପକ୍ଷରୁ ପ୍ରି-କ୍ରିସ୍‌ମସ ଦିବସ ପାଳନ କରାଯାଇଛି। ଶ୍ରଦ୍ଧାଳୁମାନେ ଯୀଶୁଙ୍କ ସ୍ୱାଗତ ପାଇଁ ପ୍ରଥମେ ପ୍ରାର୍ଥନା କରିଥିଲେ। ଏହାପରେ ବାଇବେଲ ପାଠ ହୋଇ ବାର୍ତ୍ତା ଦିଆଯାଇଥିଲା। ଭଗବାନ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ପୃଥିବୀରେ ପ୍ରେମ ଏବଂ ଶ୍ରଦ୍ଧାର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଧରାବତରଣ କରିଥିଲେ। ସେହି ଯୀଶୁଙ୍କ ଜନ୍ମଦିନକୁ ଖ୍ରୀଷ୍ଟ ଧର୍ମାବଲମ୍ବୀ କ୍ରିସ୍‌ମାସ ବା ବଡଦିନ ଭାବରେ ପାଳନ କରନ୍ତି। ଅନୁଷ୍ଠାନର ମହିଳାମାନେ ସଙ୍ଗୀତ ଗାୟନ, ନାଟକ ସହ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଶେଷରେ କାର୍ଯ୍ୟକ୍ରମରେ ଭାଗନେଇ ଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୪ଥର ଘୁଞ୍ଚିବା ପରେ ଧାର୍ଯ୍ୟ ହୋଇପାରୁନି ଶାରୀରିକ ପରୀକ୍ଷା ତାରିଖ

**ମାନସିକ ଚାପରେ ଫରେଷ୍ଟର, ଫରେଷ୍ଟ ଗାର୍ଡ, ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର ଆଶାୟୀ**

ଭୁବନେଶ୍ୱର, ୧୯।୧୨ (ସୁଚିସ୍ମିତା ସାହୁ)

ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭଷ୍ଟକ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଇତିମଧ୍ୟରେ ଲିଖିତ ପରୀକ୍ଷା ଫଳ ବାହାରିବାର ୩ ମାସରୁ ଅଧିକ ସମୟ ବିତିଯାଇଥିବାବେଳେ ଶାରୀରିକ ପରୀକ୍ଷା ପାଇଁ ୪ଥର ତାରିଖ ଘୁଞ୍ଚାଇଛି ଓଏସ୍‌ଏସ୍‌ଏସ୍‌ସି। ଏପରିକି ଶେଷ ତାରିଖକୁ ବାତିଲ କରାଯାଇଥିଲେ ମଧ୍ୟ ଏବେ ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ ହୋଇପାରୁ ନ ଥିବାରୁ ନିଯୁକ୍ତି ଆଶାୟୀମାନେ ମାନସିକ ଚାପରେ ରହିଛନ୍ତି। ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୨୦୨୩ ସେପ୍ଟେମ୍ବର ୨୦ରେ ୩୧୬ ଫରେଷ୍ଟର, ୧୬୭୭ ଫରେଷ୍ଟ ଗାର୍ଡ ଏବଂ ୭୧୯ ଲାଇଭଷ୍ଟକ୍ ଇନ୍ସପେକ୍ଟର ପଦବୀରେ ନିଯୁକ୍ତି ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା। ଗତ ଏପ୍ରିଲ ୨୪ରୁ ମେ ୭ ପର୍ଯ୍ୟନ୍ତ ବିଭିନ୍ନ କେନ୍ଦ୍ରରେ ଲିଖିତ ପରୀକ୍ଷା ହୋଇ ସେପ୍ଟେମ୍ବରରେ ମେଧା ତାଲିକା ପ୍ରକାଶିତ ହୋଇଥିଲା। ଶାରୀରିକ ପରୀକ୍ଷା ପାଇଁ ପ୍ରଥମେ ଜୁଲାଇ ମାସ ଧାର୍ଯ୍ୟ କରାଯାଇଥିଲା। ଏହାପରେ ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବରକୁ ପରୀକ୍ଷା ଘୁଞ୍ଚାଇ ଦିଆଯାଇଥିଲା। ଶେଷ ମୁହୂର୍ତ୍ତରେ ନଭେମ୍ବରରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଥିଲା। ତେବେ ଡିସେମ୍ବର ଶେଷ ହେବାକୁ ବସିଥିଲେ ମଧ୍ୟ ଶାରୀରିକ ପରୀକ୍ଷା ତାରିଖ ଘୋଷଣା କରାଯାଉ ନ ଥିବାରୁ ନିଯୁକ୍ତିକୁ ନେଇ ପରୀକ୍ଷାର୍ଥୀଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। ଶାରିରୀକ ପରୀକ୍ଷା ପାଇଁ ବାଳକ ବର୍ଗରେ ୨୫ କିଲୋମିଟର ଓ ବାଳିକା ବର୍ଗରେ ୧୬ କିଲୋମିଟର ଦୌଡ଼ ୪ ଘଣ୍ଟାରେ ଶେଷ କରିବାକୁ ବିଜ୍ଞାପନରେ ଲେଖାଯାଇଥିଲା। ଏଥିପାଇଁ କଠିନ ପରିଶ୍ରମ ଓ ପ୍ରତ୍ୟେକ ଦିନ ଅଭ୍ୟାସ କରିବାକୁ ପଡୁଛି। ଆଶାୟୀମାନେ ଦୈନିକ ୧୦ରୁ ୧୫ କିମି ଚାଲିବା ଦ୍ୱାରା ସେମାନଙ୍କ ଶାରିରୀକ, ମାନସିକ ତଥା ପାରିବାରିକ ଚାପ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ସେଥିପାଇଁ ସମସ୍ତ ମେଧାବୀ ଆଶାୟୀ ପରୀକ୍ଷାର୍ଥୀ ନଭେମ୍ବର ୧୪ରେ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହିତ ଓଏସ୍‌ଏସ୍‌ଏସ୍‌ସି କମିଶନ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଶାରୀରିକ ପରୀକ୍ଷା ତାରିଖ ଶୀଘ୍ର ଘୋଷଣା କରି ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ସେମାନେ ଅନୁରୋଧ କରିଛନ୍ତି।

# ସୁନା ବ୍ରେସ୍‌ଲେଟ୍ ପାଇ ଫେରାଇଥିବା ସ୍ୱଚ୍ଛକର୍ମୀ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୧୮।୧୨ (ଅନୁରାଧା ମହାରଣା)

ଅଳିଆ ଗଦାରୁ ପାଇଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ବ୍ରେସ୍‌ଲେଟ୍ ଫେରାଇ ମହାନତା ଦେଖାଇଥିବା ସ୍ୱଚ୍ଛ କର୍ମୀ ସରସ୍ୱତୀ ନାୟକ ଓ ସବିତା ଜେଠିଙ୍କୁ ବିଏମ୍‌ସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲ ଗୁରୁବାର ଉଭୟଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ କର୍ପୋରେଟର ଓ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଗତ ୧୬ ତାରିଖରେ ୟୁନିଟ-୧ସ୍ଥିତ ଏମ୍‌ଆର୍‌ଏଫ୍‌ରେ ବର୍ଜ୍ୟ ପୃଥକୀକରଣ ସମୟରେ ସରସ୍ୱତୀ ୧୮ ଗ୍ରାମ ଓଜନର ଏକ ସୁନା ବ୍ରେସ୍‌ଲେଟ ପାଇଥିଲେ। ବ୍ରେସଲେଟ୍‌ଟି ପାଇବା ପରେ ଏମ୍‌ଆର୍‌ଏଫ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ନ୍ୟୁ ଫରେଷ୍ଟ ପାର୍କ ଅଞ୍ଚଳ ୫ ନମ୍ବର ଲେନ୍‌ର ଦୀପିକା ମହାନ୍ତି ଭୁଲବଶତଃ ଡଷ୍ଟବିନ୍‌ରେ ବ୍ରେସ୍‌ଲେଟ୍‌ଟିକୁ ପକାଇଦେଇଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଉକ୍ତ ବ୍ରେସଲେଟିକୁ ହସ୍ତାନ୍ତର କରାଯାଇଥିଲା।

# ଉଚ୍ଚ ପ୍ରଶାସନିକ ସ୍ତରରେ ଆହୁରି ଅଧିକ ମହିଳାଙ୍କ ଉପସ୍ଥିତିର ଆବଶ୍ୟକତା ରହିଛି

ଭୁବନେଶ୍ୱର, ୧୯।୧୨ (ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ମହିଳା ଓ ପ୍ରଶାସନ' ସମ୍ପର୍କିତ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଉଚ୍ଚ ପ୍ରଶାସନିକ ସ୍ତରରେ ମହିଳାଙ୍କ ଅଧିକ ଉପସ୍ଥିତିର ଆବଶ୍ୟକତା ରହିଛି। ମହିଳାଙ୍କ ଆଖିଦୃଶିଆ ଉପସ୍ଥିତି ନ ରହିଲେ ଶାସନ ପ୍ରକ୍ରିୟା ଓ ନିଷ୍ପତ୍ତି ମାର୍ଜିତ ହେବନାହିଁ। ମହିଳାଙ୍କୁ ସମସ୍ତ କ୍ଷେତ୍ରରେ ସମାନ ସୁଯୋଗ ଓ ସମ୍ମାନ ମିଳିବା ଜରୁରୀ ବୋଲି ସେ କହିଛନ୍ତି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ବସନ୍ତ ବେହେରା ସ୍ୱାଗତ ଭାଷଣ ଓ ସର୍ବାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଜିନା ମହାପାତ୍ର, ଦେବୀ ପ୍ରସାଦ ଦାସ, ତପନ କୁମାର ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ବହୁ ଛାତ୍ରୀ ଉପସ୍ଥିତ ଥିଲେ।

# କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରୁଛି 'ସର୍‌ଗି ଫୁଲ୍'

**କଦଳୀ ପଟୁଆରୁ ଠୁଙ୍ଗା, ବ୍ୟାଗ୍**

ଭୁବନେଶ୍ୱର, ୧୯।୧୨ (ସୁଚିସ୍ମିତା ସାହୁ)

ପରିବେଶକୁ ନେଇ ଏବେ ବିଶ୍ୱବ୍ୟାପୀ ଚିନ୍ତା ବଢ଼ିଛି। ବିଶେଷକରି ପଲିଥିନ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ ବିପଦରୁ ମଣିଷ ସହ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା ବଡ଼ ଆହ୍ୱାନ ପାଲଟିଛି। ଏପରିସ୍ଥିତିରେ ପଲିଥିନର ବିକଳ୍ପ ଭାବେ କଦଳୀ ଗଛରୁ ଠୁଙ୍ଗା ଓ ବ୍ୟାଗ୍ ତିଆରି କରି ନିଆରା ବାର୍ତ୍ତା ଦେଇଛନ୍ତି ଦୁଇ ଛାତ୍ରୀ। ଆଦିବାସୀ ପଡିଆରେ ଚାଲିଥିବା ସର୍‌ଗି ଫୁଲ୍ ଉତ୍ସବରେ ଆୟୋଜିତ ବିଜ୍ଞାନ ମେଳାରେ ଗଜପତି ଜିଲା କେସିପୁର ଅଞ୍ଚଳର ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଧାନବି ଗମାଙ୍ଗ ଓ ଅଷ୍ଟମଶ୍ରେଣୀ ଛାତ୍ରୀ ଖ୍ରୀଷ୍ଟି ବେବି ଶବରଙ୍କ ଏପରି ପରିବେଶ ଅନୁକୂଳ ପଦକ୍ଷେପ ଅତିଥି ଓ ପରିଦର୍ଶନକାରୀଙ୍କୁ ଆକୃଷ୍ଟ କରିଛି। ସେମାନେ ରାଜ୍ୟକୁ ପ୍ଲାଷ୍ଟିକ ମୁକ୍ତ କରିବା ସହିତ ଗଛକୁ ସୁରକ୍ଷା ଦେବାକୁ ଗୁରୁତ୍ୱ ଦେଇଛନ୍ତି। ସେଥିପାଇଁ ଦୁଇଛାତ୍ରୀ କଦଳୀ ଗଛର ଅଦରକାରୀ ଅଂଶରୁ କାଗଜ ତିଆରି କରି ସେଥିରୁ ଠୁଙ୍ଗା, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିବାକୁ ଯୋଜନା କରି ଏବେ ସଫଳ ହୋଇଛନ୍ତି। ସେମାନେ କହିଛନ୍ତି, ଠୁଙ୍ଗା ତିଆରି କରିବା ପାଇଁ କଦଳୀ ଗଛର ମଞ୍ଜା ଓ ପଟୁଆକୁ କାଟି ତାକୁ ବାଟିବାକୁ ପଡିବ। ଗୋଟିଏ ପାତ୍ରରେ ପାଣି ରଖି ସେଥିରେ ସେହି ବଟାକୁ ପକାଇ ଧୁଆଯାଏ। ତା'ପରେ ତାକୁ ଏକ ଜାଲି ସାହାଯ୍ୟରେ ଛାଣି ପତଳା ପତଳା କରି ଶୁଖାଯାଏ। ବ୍ୟାଗ ଓ ଠୁଙ୍ଗା କରିବା ପାଇଁ ସେଥିରେ ମଧ୍ୟ ଅଠାର ବ୍ୟବହାର କରାଯାଏ। ଏହାକୁ ଖରାରେ ଶୁଖାଇବା ପରେ ତାକୁ ଠୁଙ୍ଗା ଓ ବ୍ୟାଗର ଆକାର ଦିଆଯାଏ। ପରେ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଇଥାଏ। ଆକର୍ଷଣୀୟ କରିବା ଲାଗି ସେଥିରେ କାରୁକାର୍ଯ୍ୟ କରି ଏହି ଦୁଇ ଛାତ୍ରୀ ନିଆରା ପରିଚୟ ସୃଷ୍ଟି କରିଛନ୍ତି। ଏହା ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବା ସହିତ ସହରକୁ ସ୍ୱଚ୍ଛ କରିବାରେ ସହଯୋଗ କରିବ ବୋଲି ଛାତ୍ରୀମାନେ କହିଛନ୍ତି।



## ଶ୍ରମିକଙ୍କୁ ସୁରକ୍ଷା ଦେବ ସ୍ମାର୍ଟ ସେଫ୍ଟି ହେଲ୍‌ମେଟ୍



ଖଣି ଖାଦନ ହେଉ କିମ୍ବା କଳକାରଖାନାରେ ଶ୍ରମିକ, କର୍ମଚାରୀମାନେ ବିଷାକ୍ତ ବାୟୁ ଓ ପ୍ରଦୂଷଣ ପରିବେଶ ଭିତରେ କାମ କରୁଛନ୍ତି। ବିଷାକ୍ତ ଧୂଆଁରେ ଅଣନିଃଶ୍ୱାସୀ ହୋଇ ମଧ୍ୟ ଅଧିକାଂଶ ସମୟରେ ଶ୍ରମିକମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି ବିପର୍ଯ୍ୟୟରୁ ରକ୍ଷା କରିବାକୁ ସୁନ୍ଦରଗଡର ଦୁଇ ଝିଅ ଭୂମିଶ୍ୱେତା ପ୍ରଧାନ ଓ ଲିଜୁ ଛାଟରିଆ ସ୍ମାର୍ଟ ସେଫ୍ଟି ହେଲ୍‌ମେଟ୍ ତିଆରି କରି କୁନି ବୈଜ୍ଞାନିକ ପାଲଟିଛନ୍ତି। ଏହି ହେଲ୍‌ମେଟରେ ଗୋଟିଏ ଗ୍ୟାସ୍ ସେନ୍‌ସର ଲାଗିଛି। ଏହା କ୍ଷତିକାରକ ଗ୍ୟାସ୍ ଚିହ୍ନଟ କରିବାରେ ସାହାଯ୍ୟ କରିବ। କୌଣସି ଦୂଷିତ ଗ୍ୟାସ ଆସିଲେ ହେଲ୍‌ମେଟରେ ଲାଗିଥିବା ସେନ୍‌ସର ସୂଚନା ଦେବ। ଏଥିସହ ଏଥିରେ ତାପମାତ୍ରା ମାପିବା ଓ ଲାଇଟ ଜଳିବା ପାଇଁ ମଧ୍ୟ ସେନସର ରହିଛି। ଖଣିରେ କାମ କରୁଥିବା ବେଳେ ଅଧିକ ତାପମାତ୍ରା ହେଲେ ଜଣାଇଦେବ। କୌଣସି ବ୍ୟକ୍ତି ଅସୁବିଧାରେ କିମ୍ବା ମୃତ୍ୟୁମୁଖରେ ପଡ଼ିବା ପୂର୍ବରୁ ଏହା ଆଗୁଆ ସୂଚନା ଦେବ। ଏମିତିକି ଅନ୍ଧାର ସ୍ଥାନରେ ଲାଇଟ ଆପେ ଆପେ ଜଳିବ। ହେଲ୍‌ମେଟ୍‌ରେ ଲୋକେଶନ ଓ ମେସେଜ କରିବାର ସୁବିଧା ରହିଛି। ଏହିଦୁଇ କୁନି ବୈଜ୍ଞାନିକଙ୍କୁ ସର୍‌ଗି ଫୁଲ୍ ବିଜ୍ଞାନ ମେଳାକୁ ବୁଲି ଆସୁଥିବା ଲୋକେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଥିଲା।

**୩ ହାଇୱା ଜବତ**

ମଙ୍ଗୁଳି-ଜଗତପୁର, (ମାନସ ସାମଲ): ଟାଙ୍ଗୀ ଥାନା ଅଞ୍ଚଳରୁ ବେଆଇନ ମାଟି, ବାଲି ଚାଲାଣ ଘଟଣାରେ ପୋଲିସ ୩ଟି ହାଇୱାକୁ ଜବତ କରିଛି। ଗୁରୁବାର ପୂର୍ବାହ୍ନରେ ୧୬ନଂ. ଜାତୀୟ ରାଜପଥର ମଙ୍ଗୁଳି ଅଞ୍ଚଳରେ ଏକ ବାଲିବୋଝେଇ ହାଇୱା ଯାଉଥିବାବେଳେ ପୋଲିସର ଏକ ଟିମ୍ ତାହାକୁ ଜବତ କରିଥିଲା। ପରେ ସଫା ଓ ବିଶ୍ୱାଳୀ ଅଞ୍ଚଳରୁ ଅନ୍ୟ ୨ଟି ମାଟି ବୋଝେଇ ହାଇୱା ଜବତ କରିଥିଲା। ଜବତ ହୋଇଥିବା ୩ଟି ଗାଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଶିବପ୍ରସାଦ ଭଦ୍ର କହିଛନ୍ତି।

**ସଂକ୍ଷେପରେ**

## ନନ୍ଦନକାନନରେ ନୀଳଗାଈର ମୃତ୍ୟୁ

ତ୍ରିଶୂଳିଆ, ୧୯।୧୨ (ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ନଂ. ଖୁଆଡ଼ରେ ରହୁଥିବା ଏକ ନୀଳଗାଈର ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କିଛିଦିନ ହେବ ନୀଳଗାଈଟି ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ସେ ଦିନକୁ ଦିନ ଦୁର୍ବଳ ହେବା ସହ ଖାଦ୍ୟ କମାଇ ଗୋଟିଏ ସ୍ଥାନରେ ଶୋଇ ରହୁଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲେ କାରଣ ଜଣାପଡ଼ିବ ବୋଲି ପ୍ରାଣୀ ବିଭାଗ ଅଧିକାରୀ କହିଛନ୍ତି।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ୍ ମେଳା

ତ୍ରିଶୂଳିଆ, ୧୯।୧୨ (ତୁଷାରକାନ୍ତ ବେହେରା): ମୁଣ୍ଡଳୀସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.-୩ ପରିସରରେ ପ୍ରାଥମିକ ଶ୍ରେଣୀର ବାଲ୍‌ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବହୁମୁଖୀ ପ୍ରେକ୍ଷାଳୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍‌ର କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିମା ମିଶ୍ର ଏବଂ ଡ. ଲିଟନ ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରାଚାର୍ଯ୍ୟ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାଣିତିକ ମୂଲ୍ୟବୋଧର ବିକାଶ କରିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାମଗ୍ରୀର କ୍ଷୁଦ୍ର ବିପଣନ କେନ୍ଦ୍ର ଖୋଲାଯାଇଥିଲା। ଶିକ୍ଷକ ଶରତ ସାହୁ, ସୀତାରାମ ମୀନା, ଦେବ ପ୍ରସାଦ ନାଏକ, ପବନ କୁମାର, ଶିକ୍ଷୟିତ୍ରୀ ପ୍ରଜ୍ଞାମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ନନ୍ଦନକାନନରୁ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ

ତ୍ରିଶୂଳିଆ, ୧୯।୧୨ (ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବୁଲିବାକୁ ଆସିଥିବା ଜଣେ ବଙ୍ଗୀୟ ଭିନ୍ନକ୍ଷମ ଯୁବକ ନିଖୋଜ ହୋଇଥିବା ଗୁରୁବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ଆସାମ ଅଞ୍ଚଳର ପୀତାମ୍ବର ପାଠକ (୪୨)। ଏନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଖୋଜାଖୋଜି ଆରମ୍ଭ କରିଛି। ପୀତାମ୍ବର ପରିବାର ସହ ଆସାମରୁ ଏକ ବସ୍ ଯୋଗେ ଓଡ଼ିଶା ଆସି ଗୁରୁବାର ପୂର୍ବାହ୍ନରେ ନନ୍ଦନକାନନ ବୁଲିବାକୁ ଯାଇଥିଲେ। ସେଠାରୁ ବାହାରି ପୁରୀ ଜଗନ୍ନାଥ ଦର୍ଶନ କରି ଘରକୁ ଫେରିଥାନ୍ତେ। ଅପରାହ୍ନ ୨ଟାବେଳେ ନନ୍ଦନକାନନ ଭିତରୁ ବାହାରି ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ପରିବାର ଲୋକଙ୍କଠାରୁ ପୀତାମ୍ବର ଅଲଗା ହୋଇଯାଇଥିବା ନନ୍ଦନକାନନ ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଚୋରି, ଅଭିଯୁକ୍ତ ଗିରଫ

ଚୌଦ୍ୱାର,୧୯।୧୨(ଆଶୁତୋଷ ଦାସ)– ଚୌଦ୍ୱାର ଥାନା ଟିପିଏମ ଫାଣ୍ଡି ଅନ୍ତର୍ଗତ ଜେନାପାଟଣା ଗ୍ରାମରେ ଥିବା ଏକ ଔଷଧ ଦୋକାନରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜେନାପାଟଣା ଗ୍ରାମର ବାବୁ ଜେନା। ପୋଲିସ ତାଙ୍କଠାରୁ ୫୦୦ ଟଙ୍କା ଜବତ କରିଛି। ଗତ ୧୪ ତାରିଖରେ କେହି ଦୁର୍ବୃତ୍ତ ଉକ୍ତ ଦୋକାନର ଆଜବେଷ୍ଟସ ଭାଙ୍ଗି ୨୦,୦୦୦ ଟଙ୍କା ଚୋରିକରି ନେଇଥିଲେ। ଏନେଇ ଦୋକାନ ମାଲିକ ମୁରାଦଖାଁପାଟଣା ଗ୍ରାମର ପ୍ରଦ୍ୟୁମ୍ନ ଜେନା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରିଥିଲା।

# 'ବିଧାନସଭା ବୁଲିବାକୁ ଛାତ୍ରୀଛାତ୍ରଙ୍କୁ ମିଳିବ ସୁଯୋଗ'

### ସେଣ୍ଟ ଜାଭିୟର୍ସ ହାଇସ୍କୁଲର ରଜତ ଜୟନ୍ତୀ ସମାରୋହ

କଟକ,୧୯।୧୨ (କାର୍ତ୍ତିକ ସାହୁ)

କଟକ ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବିଧାନସଭା ଅଧିବେଶନ ଚାଲିଥିବା ସମୟରେ ପର୍ଯ୍ୟାୟକ୍ରମେ ଶହେ ଜଣ ଲେଖାଏ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଦର୍ଶକ ଗ୍ୟାଲେରୀରେ ବସି ଦେଖିବାର ସୁଯୋଗ ଦିଆଯିବ। ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସମ୍ପର୍କରେ ସେମାନେ ଅବଗତ ହେବା ଉଚିତ। ପିଲାଙ୍କ ମଧ୍ୟରେ ମଣିଷ ପଣିଆ ଜାଗ୍ରତ କରିବା ପାଇଁ ସେ ଶିକ୍ଷକ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ, କଟକ ଜିଲା କ୍ରୀଡ଼ା ସଂଘ ତଥା ଓଡ଼ିଶା ଫୁଟବଲ ସଂଘର ସମ୍ପାଦକ ଆଶୀର୍ବାଦ ବେହେରା, ସିବିଏସ୍‌ସି ଭୁବନେଶ୍ୱରର ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସନ, ଅଭିନେତା ଶ୍ରୀତମ ଦାସ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ଜି. ଏସ୍. ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତିଙ୍କ ସମେତ ବିଦ୍ୟାଳୟ ପ୍ରଶାସନର ଅନ୍ୟ ସଦସ୍ୟମାନେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଓଡ଼ିଆ ପଦ୍ୟାବୃତ୍ତି ପ୍ରତିଯୋଗିତାର ଜୁନିୟର ଦଳରେ ଆସ୍ଥା ଆକାଂକ୍ଷା ପାତ୍ର ପ୍ରଥମ, ସ୍ୱୟଂଶ୍ରୀ ସର୍ ଦ୍ୱିତୀୟ, ଶୁକ୍ରଜ୍ୟୋତି କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ଦଳରେ ସୌମ୍ୟା ମୁଦୁଲି ପ୍ରଥମ, ଅନିତ୍ୟ କୁମାର ମଲ୍ଲିକ ଦ୍ୱିତୀୟ, ଶୁଚିସ୍ମିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାର ଜୁନିୟର ଦଳରେ ଅର୍ଜିତା ସ୍ୱାଇଁ ପ୍ରଥମ, ଅମ୍ବିକା ଦାସ ଦ୍ୱିତୀୟ, ଅର୍ଣ୍ଣଭ ମହାନ୍ତି ତୃତୀୟ, ସିନିଅର ଦଳରେ ପ୍ରଜ୍ଞାନ ପାରମିତା ଦାସ ପ୍ରଥମ, ରିତିକା ରାଉତରାୟ ଦ୍ୱିତୀୟ, ଆୟୁଷ ସ୍ମିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦଳଗତ ନୃତ୍ୟ ବିଭାଗରେ ଜୁନିୟର ଦଳରେ ବ୍ୟାସନଗର ସେଣ୍ଟ ଜାଭିୟର୍ସ ସ୍କୁଲ ପ୍ରଥମ, ଜରିପଡ଼ା କୃଷ୍ଣମୂର୍ତ୍ତି ସ୍କୁଲ ଦ୍ୱିତୀୟ ଏବଂ ସିନିଅର୍ ଦଳରେ ଆୟୋଜକ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ରଜତ ଜୟନ୍ତୀ ସମାରୋହରେ ଅତିଥିମାନେ ବାର୍ଷିକ ମୁଖପତ୍ର ଉନ୍ମୋଚନ କରୁଛନ୍ତି।



କଟକ ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଆଠଗଡ଼ ମହୋତ୍ସବ ଉଦ୍‌ଘାଟିତ

ଆଠଗଡ଼,୧୯।୧୨ (ସତ୍ୟ ପ୍ରସାଦ ରଥ)

ଆଠଗଡ ମହୋତ୍ସବ ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିମାନେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀର ଭାଜପା ନେତା ତୁଷାରକାନ୍ତି ଚକ୍ରବର୍ତ୍ତୀ, ମହୋତ୍ସବ ଆବାହକ ଆଇନଜୀବୀ ଫଣିଭୂଷଣ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ସଙ୍ଗଠକ ତଥା ଭାଜପା ନେତା ଅଭୟ କୁମାର ବାରିକ ସଭାପତିତ୍ୱ କରିଥିଲେ । ଅପରାହ୍ନରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଗାୟିକା ଅସୀମା ପଣ୍ଡା ଓ ସାଥୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଏହାକୁ ସମ୍ପାଦନା କରିଛନ୍ତି ।

# କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ତିଗିରିଆ, ୧୯।୧୨(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩ତମ ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା କୁଙ୍କୁମିତା ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗ ଅଧ୍ୟାପକ ଗଣେଶ୍ୱର ମହାନ୍ତି ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତି ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରସନ୍ନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଲୋକ ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।

## ବାଙ୍କୀ ରାଣୀ ରମାକୁମାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବାଙ୍କୀ,୧୯।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର):

ବାଙ୍କୀର ରାଜା ସାହେବ ସ୍ୱର୍ଗତ ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ସ୍ତ୍ରୀ ତଥା ବାଙ୍କୀ ରାଣୀ ରମାକୁମାରୀ ପାଟ୍ଟମହାଦେଈଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବାଙ୍କୀ ରାଜବାଟୀରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ରାଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ରାଜା ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ର, ପ୍ରାଧ୍ୟାପକ ରାଜକିଶୋର ପାଲ, କବି ନରୋତ୍ତମ ବେହେରା, ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଯୁବ ସାମାଜିକ କର୍ମୀ ଭାସ୍କର ମହାନ୍ତି, ଅଧ୍ୟାପକ ନରେଶ ବେହେରା, ଅଧ୍ୟାପକ ପ୍ରଶାନ୍ତ ଭୋଇ, ଅଧ୍ୟାପକ ମନୋରଞ୍ଜନ ମିଶ୍ର, ଅଧ୍ୟାପକ ଅଦ୍ୱୈତ୍ୟ ପ୍ରଧାନ, ଡ. ମୁରଲୀଧର ରଥ, ମହେଶ ପ୍ରସାଦ ବେହେରା, ଗୁରୁପ୍ରସାଦ ସାହୁ, ଜିତେନ୍ଦ୍ର ଦେଓ ପ୍ରମୁଖ ଯୋଗଦେଇ ରାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେମିରେ ଛତ୍ରପତି ଶିବାଜୀ ଆସୋସିଏଶନ

ତିଗିରିଆ, ୧୯।୧୨(ଜାଫର ଖାଁ ):

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଛତ୍ରପତି ଶିବାଜୀ ସ୍ପୋର୍ଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ଆୟୋଜକ ଦଳ ଓ ଆଠଗଡ଼ର ମାଜେଷ୍ଟିକ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପତି ଶିବାଜୀ ଆସୋସିଏଶନ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ମାଜେଷ୍ଟିକ ଦଳ ଟସ୍ ଜିତି ୨୦ ଓଭରରେ ୭ ଉଇକେଟ ହରାଇ ୨୪୨ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଲିପୁ ବରାଳ ୭୨ ବଲ ଖେଳି ସର୍ବାଧିକ ୧୦୬ ରନ କରିଥିଲେ। ଜବାବରେ ଛତ୍ରପତି ଶିବାଜୀ ଦଳ ୧୭ ଓଭରରେ ୩ ଉଇକେଟ ହରାଇ ୨୪୩ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ରାଜୀବ କୁମାର ଦାସ ୪୦ ବଲ୍‌ରେ ସର୍ବାଧିକ ୯୬ ରନ କରିବା ସହ ବୋଲିଂରେ ୩ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ବାପିନା ତୋଷ ଓ ବୀରେନ ବେହେରା ମ୍ୟାଚ ପରିଚାଳନା କରିଥିଲେ।

# ଯୁବକଙ୍କୁ ଉଠାଇନେଲା ରେଳପଥ ପୋଲିସ

**ଟ୍ରେନ୍ ଟିକେଟରେ ଜାଲିଆତି**

ରଘୁନାଥପୁର,୧୯।୧୨ (ରାଜେନ୍ଦ୍ର ନାରାୟଣ ସିଂହ):

କଟକ ଜିଲା କିଶନନଗର ଥାନା ମାହାଳହାଟ ବିଟ୍ ହାଉସ ଅନ୍ତର୍ଗତ ବିଲ ହାଟ ଅଞ୍ଚଳରେ ଟ୍ରେନ୍ ଟିକେଟ ଜାଲିଆତିକରି ଲୋକଙ୍କୁ ଠକୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗୁରୁବାର କଟକ ରେଳପଥ ପୋଲିସ ଉଠାଇନେଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସିଲୁ ଘଡ଼େଇ। ବିଲହାଟସ୍ଥିତ ଏକ ଜନସେବା କେନ୍ଦ୍ରରେ ସିଲୁ ନକଲି ଟ୍ରେନ୍ ଟିକେଟ କାଟି ଲୋକଙ୍କୁ ଠକି ଆସୁଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ରେଳପଥ ପୋଲିସ ସ୍ଥାନୀୟ ବିଟ୍ ହାଉସ ପୋଲିସ ସହଯୋଗରେ ସିଲୁଙ୍କୁ କାବୁକରି ସାଙ୍ଗରେ ନେଇଯାଇଛନ୍ତି ବୋଲି ବିଟ୍ ହାଉସ ଅଧିକାରୀ ଅଜୟ ମହାନ୍ତି କହିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଟ୍ରେନ୍ ଟିକେଟ୍ ବୁକିଂ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

# ସମ୍ବିଧାନ ସମ୍ପର୍କିତ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ବାଙ୍କୀ,୧୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମା'ଟର୍ଛିକା ଛାତ୍ରୀନିବାସ ଆନୁକୂଲ୍ୟରେ ଭାରତର ସମ୍ବିଧାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଆଗାମୀ ବାର୍ଷିକ ଉତ୍ସବ ପାଳନ ଅବସରରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀନିବାସର ତତ୍ତ୍ୱାବଧାରିକା ଡକ୍ଟର ସନ୍ଧ୍ୟାରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଭାରତର ସମ୍ବିଧାନ ଓ ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସହ ତତ୍ତ୍ୱାବଧାରିକା ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ, କିଶୋର ଚନ୍ଦ୍ର ସ୍ୱାଇଁ, ଅଧ୍ୟାପିକା ଦୁର୍ଗେଶ୍ୱରୀ ନାୟକ, ଡ. ଅଭିମନ୍ୟୁ ରଣା ଓ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତର୍କ ପ୍ରତିଯୋଗିତାରେ ସସ୍ମିତା ସେଠୀ ପ୍ରଥମ, ଗରିମାଗରିୟସୀ ମିଶ୍ର ଦ୍ୱିତୀୟ ଓ ପ୍ରୀତିକ୍ରିଷ୍ଣା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଛାତ୍ରୀ ନିବାସର ସାଧାରଣ ସମ୍ପାଦିକା ସୁଶ୍ରୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତି ଗ୍ରାମରେ ଗଠନହେବ ଗ୍ରାମ୍ୟ ଜଳ ପରିମଳ କମିଟି

ରଘୁନାଥପୁର,୧୯।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ପଞ୍ଚାୟତସମିତି ସଭାକକ୍ଷରେ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଜ୍ଞାନଦା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ପରିମଳ ପରାମର୍ଶଦାତା ରଞ୍ଜିତ ପରିଡା ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆର୍ ଡବ୍ଲ୍ୟୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଦିପାଳିକା ବିଶ୍ୱାଳ ଶିବିରକୁ ପରିଚାଳନା କରିଥିବାବେଳ କ୍ଷୀରୋଦ କୁମାର ଦାଶ ଓ ଶୁଭ ନାରାୟଣ ମିଶ୍ର ତାଲିମଦାତା ଭାବେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରତି ଗ୍ରାମରେ ୧୦ ରୁ ୧୫ ଜଣଙ୍କୁ ନେଇ ଗ୍ରାମ୍ୟ ଜଳ ପରିମଳ କମିଟି ଗଠନ କରାଯିବ। ଏଥିରେ ୱାର୍ଡସଭ୍ୟଙ୍କ ସହ ୫୦ ପ୍ରତିଶତ ମହିଳା,୨୫ ପ୍ରତିଶତ ହରିଜନ ଓ ଆଦିବାସୀ ବର୍ଗ ଏବଂ ୨୫ ପ୍ରତିଶତ ସାଧାରଣ ବର୍ଗ ବ୍ୟକ୍ତି ରହିବେ। ଉକ୍ତ କମିଟି ଗ୍ରାମରେ ପାନୀୟଜଳ ଓ ପରିମଳ ପରିଚାଳନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବ। ଏହାଛଡା ଏ ସମ୍ପର୍କିତ ଯେକୌଣସି ସମସ୍ୟା ସମ୍ପର୍କରେ କମିଟି ସରପଞ୍ଚ ଓ ପିଇଓଙ୍କୁ ଜଣାଇବ। ଭିଡିଓ ମାଧ୍ୟମରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ପିଇଓଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଥିଲା। ଶିବିରରେ ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ, ସଞ୍ଜୁ କିଶାନ, ଜ୍ୟୋତ୍ସ୍ନାମୟୀ ଦେବତା, ପ୍ରଦୀପ୍ତା ଖୁଣ୍ଟିଆ, ମଧୁସ୍ମିତା ସେଠୀ, ଆସିଷ୍ଟାଣ୍ଟ ଭବେଶ କୁମାର ବେହେରା, ସିପି ସୁନୀଲ କୁମାର ମହାପାତ୍ର, ବିପିସି ଅନିତା ମହାପାତ୍ର, ଏପିଓ ମୋନାଲିସା ଲେଙ୍କା ଓ ସ୍ୱଚ୍ଛ ଭାରତ ସଂଯୋଜିକା ଇତିଶ୍ମିତା ବିଶ୍ୱାଳ ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

**ପଞ୍ଚାୟତ ଜନପ୍ରତିନିଧି ଓ ପିଇଓଙ୍କୁ ପ୍ରଶିକ୍ଷଣ**

**ଫଟୋରେ ଖବର**



କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କେମ୍ବ୍ରିଜ ସ୍କୁଲ ପରିସରରେ ସ୍କୁଲ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।



ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପ୍ରେକ୍ଷାଳୟରେ ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ମଧ୍ୟାହ୍ନଭୋଜନ ନିମ୍ନମାନର ଅଭିଯୋଗ

ବେଗୁନିଆ,୧୯।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ହଜ ଗ୍ରାମସ୍ଥିତ ସିଦ୍ଧେଶ୍ୱରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଛି ବୋଲି ଅଭିଭାବକ କୈଳାସ ନାୟକ ଅଭିଯୋଗ ଆଣିଛନ୍ତି। ଏପରିକି ତରକାରିରେ ପେଯ ମିଶ୍ରଣ କରାଯାଇ ପିଲାମାନଙ୍କୁ ଖାଇବାକୁ ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମଧ୍ୟାହ୍ନଭୋଜନ ନିମ୍ନମାନର ଦିଆଯାଉ ନାହିଁ ବୋଲି ପ୍ରଧାନ ଶିକ୍ଷକ ଝଜମନ ପୂଜାରୀ କହିଛନ୍ତି। ଉକ୍ତ ସ୍କୁଲରେ ମଧ୍ୟାହ୍ନଭୋଜନ ନିମ୍ନମାନର ଦିଆଯାଉଥିବା ନେଇ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା କହିଛନ୍ତି।

### ଗୋମାଂସ ଭର୍ତ୍ତି କଣ୍ଟେନର ଜବତ

ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ): ୧୬ନମ୍ବର ଜାତୀୟ ରାଜପଥରେ ଗୋମାଂସ ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାହାର ରାଜ୍ୟକୁ ଗୋମାଂସ ଚାଲାଣ ହେଉଥିବା ବେଳେ ଗାଡ଼ିକୁ ଓଡ଼ିଶା ପାରି କରାଇବାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତି ସହଯୋଗ କରୁଛନ୍ତି। ଗୋମାଂସ ଚାଲାଣ ଦିଗରେ ଏକ ର୍ୟାକେଟ କାମ କରୁଛି। ଏହିକ୍ରମରେ ଏକ କଣ୍ଟେନର (ଏନ୍ଏଲ୍ ୦୧କ୍ୟୁ ୭୩୮୪)ରେ ଗୋମାଂସ ଭର୍ତ୍ତି ହୋଇ କୋଲକାତା ଚାଲାଣ ହେଉଥିବା ଖବରପାଇ ଗୁରୁବାର ଅପରାହ୍ନ ୧ଟାରେ ଗୋଭକ୍ତମାନେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ କଣ୍ଟେନର ବୋଝେଇ ଗୋମାଂସ ଜବତ କରିବା ସହ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ଟାଙ୍ଗୀ ଅଞ୍ଚଳରେ ଭୂକମ୍ପ ଅନୁଭୂତ

ଟାଙ୍ଗୀ,୧୯।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଏବଂ ଚିଲିକା ବ୍ଲକ୍ ଅଞ୍ଚଳରେ ଗୁରୁବାର ଅପରାହ୍ନରେ



୨ ସେକେଣ୍ଡ ଭୂମିକମ୍ପ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଫଳରେ ଲୋକେ ଭୟଭୀତ ହୋଇ ଘର ବାହାରକୁ ପଳାଇ ଆସିଥିଲେ। ଘରର ଗ୍ରୀଲ୍, ଆଜବେଷ୍ଟସ୍ ଏବଂ ଆସବାବପତ୍ର ଥରିଥିଲା ବୋଲି କେତେଜଣ ବାସିନ୍ଦା କହିଛନ୍ତି। ଭୂମିକମ୍ପରେ ଟାଙ୍ଗୀ ନିକଟ ଚାନ୍ଦପୁର ପଣସପୁର ସାହିର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ଘର କାନ୍ଥ ଫାଟିଯାଇଥିବା ଜଣାପଡ଼ିଛି। ତେବେ ଭୂମିକମ୍ପ ନେଇ କୌଣସି ସୂଚନା ନାହିଁ ବୋଲି ତହସିଲଦାର ମିତାଲି ପାତ୍ର କହିଛନ୍ତି।

### ଭାଲିଆବାଡ଼ିକୁ ହରାଇ କୁମାରବସ୍ତ ଫାଇନାଲରେ



ବାଘମାରୀ,୧୯।୧୨(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ନିକଟ ପତନିବର ଖେଳପଡ଼ିଆରେ ରେନ୍‌ବୋ କ୍ରିକେଟ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ୩୦ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଭାଲିଆବାଡ଼ି ଏବଂ କୁମାରବସ୍ତ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ବିନିମୟରେ ୨୫୧ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୧୯.୨ ଓଭରରେ ୮ଉଇକେଟ ବିନିମୟରେ ୨୫୨ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସାମାଜିକକର୍ମୀ ଅକ୍ଷୟ କୁମାର ସୁନ୍ଦରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କୁମାରବସ୍ତ ଟିମ୍‌ର ଆଇ.ଏସ୍.ଗିରିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସେକ୍ ଆସିକ ଏବଂ ସନ୍ତୋଷ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସତ୍ୟ ପ୍ରସାଦ ପ୍ରଧାନ ଏବଂ ତାପସ ବେହେରା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଆୟୋଜକ କମିଟିକୁ ୫୦ହଜାର ଟଙ୍କା ଜରିମାନା

## ହାବେଳି ପଡ଼ିଆ ନିକଟ ପୋଖରୀକୁ ପୋତି ରାମଦୋଳି ପକାଇବା ପ୍ରସଙ୍ଗ

ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ହାବେଳି ପଡ଼ିଆରେ ସାମାଜିକ ଅନୁଷ୍ଠାନ ନ୍ୟୁ ଥିଙ୍କିଙ୍ଗ୍ ଫୋରମ ପକ୍ଷରୁ ଗତ ୧୫ତାରିଖରୁ ଆରମ୍ଭ ହୋଇଥିବା ଖୋର୍ଦ୍ଧା ମହୋତ୍ସବ ଆସନ୍ତା ୨୨ତାରିଖରେ ଉଦ୍‌ଯାପିତ ହେବ। ତେବେ ମହୋତ୍ସବକୁ ନେଇ ବିବାଦ ଲାଗି ରହିଛି। ହାବେଳି ପଡ଼ିଆ ନିକଟ ପୋଖରୀକୁ ପୋତି ସେଠାରେ ବେଆଇନଭାବେ ରାମଦୋଳି, ମୌତ କା କୁଆଁ, ମିନାବଜାର ଏବଂ ଅନ୍ୟାନ୍ୟ ଦୋକାନ ଖୋଲିବାକୁ ବିରୋଧ କରି ସ୍ଥାନୀୟ ଲୋକେ ଆୟୋଜକ କମିଟି ବିରୋଧରେ ଉପଜିଲାପାଳଙ୍କ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ବିନା ଅନୁମତିରେ ପୋଖରୀକୁ ପୋତି ସେଠାରେ ବେପାର କମିଟିକୁ ମହଙ୍ଗା ପଡିଛି। ଗୁରୁବାର ପୌର ପ୍ରଶାସନ ପକ୍ଷରୁ ଏଥିଲାଗି ଆୟୋଜକ କମିଟିକୁ ୫୦ହଜାର ଟଙ୍କା ଜରିମାନା ଏବଂ ସେଠାରେ ପଡିଥିବା ଦୋକାନ, ବଜାର ଏବଂ ଅନ୍ୟାନ୍ୟ ବାବଦକୁ କେତେ ଟଙ୍କା ଆଦାୟ କରାଯାଇଛି, ତାହାର ହିସାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ରିଜଓ୍ୱାନା କଅକବ କହିଛନ୍ତି। ଅନ୍ୟପଟେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ହାବେଳି ପଡ଼ିଆରେ ମହୋତ୍ସବ ଆୟୋଜନ ପାଇଁ ଅନୁମତି ଦିଆଯାଇଛି। ହେଲେ ନିକଟ ପୋଖରୀକୁ ପୋତି ତାହାକୁ ବ୍ୟବହାର ପାଇଁ କୌଣସି ଅନୁମତି ଦିଆଯାଇନାହିଁ ବୋଲି ସେ କହିଛନ୍ତି।

ସୂଚନା ମୁତାବକ, ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଜୁଝାରସିଂହ ମୌଜାର ୨୩୯୭, ୨୩୯୮ ଏବଂ ୨୬୮୯ ପ୍ଲଟ୍ ହାବେଳି ପଡ଼ିଆରେ ମହୋତ୍ସବ ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ତେବେ ଏହି ପଡ଼ିଆକୁ ଲାଗି ରହିଥିବା ପ୍ଲଟ୍ ନଂ.୨୬୮୬ ଏକ ପୋଖରୀ ବୋଲି ଉଲ୍ଲେଖ ରହିଛି। ତେବେ ଏହି ପୋଖରୀକୁ ମହୋତ୍ସବରେ ବ୍ୟବହାର ପାଇଁ ଅନୁମତି ନ ଥିବା ବେଳେ ଆୟୋଜକ କମିଟି ସେଠାରେ ବେଆଇନଭାବେ ମୋରମ ପକାଇ ପୋତି ସେଠାରେ ରାମଦୋଳି, ମୌତ୍ କା କୁଆଁ, ମିନାବଜାର, ଫୁଡ୍ ଷ୍ଟଲ ସମେତ ଅନ୍ୟାନ୍ୟ ଦୋକାନ ବଜାର ଖୋଲାଯାଇଛି। ଏହା ଉପରେ ବିହିତ ପଦକ୍ଷେପ ନେବା, ପୋଖରୀର ସୁରକ୍ଷା ଦୃଷ୍ଟିରୁ ଏଠାରେ ଚାଲିଥିବା ରାମଦୋଳି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବନ୍ଦ ପାଇଁ ଅଭିଯୋଗକାରୀ ଦର୍ଶାଇଥିଲେ। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କାର୍ଯ୍ୟାଳୟ ଚିଠି ନମ୍ବର ୮୫୬୧/ତାରିଖ ୧୭.୧୨.୨୪ ପ୍ରକାରେ ଏହି ବିବାଦୀୟ ଜମିର ସ୍ୱତଃ ଯାଞ୍ଚ ସହିତ ମହୋତ୍ସବ କମିଟି ନାମରେ ଆସିଥିବା ଅଭିଯୋଗର ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ତହସିଲଦାର ବିଭାଷ ପାଣିଗ୍ରାହୀ କହିଛନ୍ତି, ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଅଞ୍ଚଳର ଅନୁସନ୍ଧାନ କରାଯାଇ ରିପୋର୍ଟ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଜରିମାନା ସମ୍ପର୍କରେ କୌଣସି ନୋଟିସ ମିଳିନାହିଁ ବୋଲି ନ୍ୟୁ ଥିଙ୍କିଙ୍ଗ୍ ଫୋରମ କାର୍ଯ୍ୟକାରୀ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି।

# ସରପାରି ରାସ୍ତାରେ ହାତୀପଲ



ନିରାକାରପୁର,୧୯।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ରେଞ୍ଜ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। କିଛିଦିନ ହେବ ୧୭ ଟିକିଆ ହାତୀପଲ ସରପାରି ଗାଁ ନିକଟରେ ଆତଙ୍କ ଖେଳାଇଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୁରୁବାର ସକାଳେ ସରପାରିରୁ ଛଣଗିରିକୁ ଯାଇଥିବା ରାସ୍ତାରେ ହାତୀପଲ ଦୀର୍ଘ ସମୟ ଧରି ଛିଡ଼ାହୋଇ ରହିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏପରିକି ଧାନ କାଟିବାକୁ ଯିବା ଲାଗି ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ହାତୀପଲ ନିକଟ ଜଙ୍ଗଲ ଅଭିମୁଖେ ପଳାଇଥିଲେ। ଏଥିସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଗ୍ରାମରେ ସଚେତନ ସୃଷ୍ଟି କରାଯାଉଛି।

# ବିଦ୍ୟାର୍ଥୀଙ୍କ ପ୍ରତିଭା ବିକଶିତ କରେ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)

ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଉଦ୍‌ଯାପନ ସଭାରେ ପୌରୋହିତ୍ୟ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଟାଙ୍ଗୀ ସାହିସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ମୁଖ୍ୟବକ୍ତା ପୂର୍ବତନ ବୋଲଗଡ଼ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା, ସମ୍ମାନିତ ଅତିଥି ଖଣ୍ଡୁରିଆ ପଞ୍ଚାୟତ ସମିତିସଭ୍ୟା ବିନୋଦିନୀ ଦତ୍ତ, ପରିବେଶବିତ୍ କୃଷ୍ଣଚନ୍ଦ୍ର ଝପଟସିଂ, ବୋଲଗଡ଼ ବ୍ଲକ ରେଡକ୍ରସ ସୋସାଇଟି ସଂଯୋଜକ ସାମନ୍ତ କୁମାର ମାଝି, ମାଣିକାଗୋଡ଼ାସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଲକ୍ଷ୍ମୀଧର ଲେଙ୍କା, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନର ସଭାପତି ସମ୍ବିତ ଭୂଷଣ ରାଉତରାୟ ଯୋଗଦେଇ ପ୍ରତିଯୋଗିତା ବିଦ୍ୟାର୍ଥୀଙ୍କ ପ୍ରତିଭା ବିକଶିତ କରିଥାଏ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ଅଂଶୁମାନ ଧଳଙ୍କ ତତ୍ତ୍ୱାବଧାନରେ ଦୁଇଦିନ ଧରି ଶିଶୁ, ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୃଥକ ଭାବେ ମୋଟ୍ ୩୪ଟି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସାତ୍ତ୍ୱିକୀ ଦେଓ ଚାମ୍ପିୟନ ହୋଇ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସ୍ୱର୍ଣ୍ଣଲତା ପ୍ରଧାନ, ଶୁଭଶ୍ରୀ ଧଳ, ସ୍ମିତାସିନ୍ଧୁ ମହାପାତ୍ର, ନମିତା ସାହୁ, ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ା, ସ୍ରୋତାଲିନ ସାହୁ, ଶିକ୍ଷକ ଦୀପ୍ତିରଞ୍ଜନ ଦାସ, ଦୀପକ ବେହେରା ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଉନ୍ନୟନ ଯୋଜନା ପ୍ରଣୟନ ନେଇ ଆଲୋଚନା

ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ, ଏବିଡିଓ ଡ.ରତିକାନ୍ତ ମିଶ୍ର, ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ୧୯ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିବା ବେଳେ ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ବିବରଣୀ ପାଠ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଶ୍ରମଦିବସ ବୃଦ୍ଧି ସହିତ ଗ୍ରାମ ସୌନ୍ଦର୍ଯ୍ୟକରଣ ପାଇଁ ନୂତନ ପ୍ରସ୍ତାବକୁ ଅଗ୍ରାଧିକାର ଦେବାକୁ ବିଡିଓ କହିଥିଲେ। ବୈଠକରେ ୨୦୨୫-୨୬ ବର୍ଷର ଉନ୍ନୟନ ଯୋଜନାଗୁଡିକ କିଭଳିଭାବେ ପ୍ରଣୟନ କରାଯିବ ସେ ନେଇ ଆଲୋଚନା କରାଯିବା ସହିତ ପଞ୍ଚାୟତର ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପିଓ ରୁବି ଡାକୁଆ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟକ୍ଷେତ୍ରରେ ଯୌନଶୋଷଣ ରୋକିବା ନେଇ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଜଟଣୀ,୧୯।୧୨(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ଯୌନ ଶୋଷଣ ରୋକିବା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଉପସଭାପତି ତଥା ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ(ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାୟକ ପର୍ସନାଲ ଅଫିସର ତପସ୍ୱିନୀ ମହାନନ୍ଦିଆ, ବରିଷ୍ଠ ରାଜଭାଷା ଅଧିକାରୀ ଉଷାରାଣୀ, ଜିଲା ସହାୟକ କମିଶନର ଗାଇଡ୍ସ ନିବେଦିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉପସ୍ଥିତ ସ୍କାଉଟ୍ସ ଏବଂ ଗାଇଡ୍ସ ସଦସ୍ୟଙ୍କୁ କାର୍ଯ୍ୟକ୍ଷେତ୍ରରେ ହେଉଥିବା ଯୌନ ଶୋଷଣର ବିରୋଧ କରିବା ଏବଂ ବ୍ୟବହାର ପ୍ରତି ମିଳିତଭାବେ ସ୍ୱର ଉତ୍ତୋଳନ କରି ସମାଜରେ ଉକ୍ତ ବ୍ୟବହାରକୁ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ। ତପସ୍ୱିନୀ ମହାନନ୍ଦିଆ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ସୁସ୍ଥ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଯୌନ ଶୋଷଣ ରୋକିବା ପାଇଁ ସରକାରଙ୍କ ବିଭିନ୍ନ ନିୟମ ଏବଂ ଆଇନ ବିଷୟରେ କହିଥିଲେ। ଜିଲା ପ୍ରଶିକ୍ଷଣ କମିଶନର ଗାଇଡ୍ ରେଣୁ କୁମାରୀ ସଂଯୋଜନା କରିଥିଲେ।

# ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କର

## ମକର ମେଳା, ମହୋତ୍ସବର ସମୀକ୍ଷା

ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଅଧୀନ ଅତ୍ରିଠାରେ ରହିଛି ଉଷ୍ଣପ୍ରସ୍ରବଣ। ନିକଟରେ ରହିଛି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠ। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମକର ମେଳା ଅନୁଷ୍ଠିତ ହୋଇଥାଏ। ଏଥିସହ ଉଷ୍ଣପ୍ରସ୍ରବଣରେ ମକର ମହୋତ୍ସବ ଆୟୋଜିତ ହୋଇଥାଏ। ହଟ୍ଟକେଶ୍ୱରଙ୍କ ପୀଠରେ୨ ସପ୍ତାହ ଧରି ମକର ମେଳା ଆୟୋଜନ ହୋଇଥାଏ। ମକର ସଂକ୍ରାନ୍ତିରେ ଉଷ୍ଣପ୍ରସ୍ରବଣରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଏହି ସମୟରେ ଏହାର ଉତ୍ତପ୍ତ ଜଳରେ ସ୍ନାନକଲେ ଚର୍ମରୋଗ ଦୂରହୁଏ ବୋଲି ଲୋକବିଶ୍ୱାସ ରହିଛି। ଅପୁତ୍ରିକ ନାରୀ ପୂର୍ବଦିନ ସଂକଳ୍ପ ପୂର୍ବକ ଉଷ୍ଣପ୍ରସ୍ରବଣ ଦହଲ କୁଣ୍ଡରୁ ଗୁଆ ଖୋଜି ପାଇଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

ମକର ମେଳା ମହୋତ୍ସବ ଆୟୋଜନ ନେଇ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ସମୀକ୍ଷା କରିଛନ୍ତି। ଉଷ୍ଣପ୍ରସ୍ରବଣକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ମରାମତିର ଆବଶ୍ୟକତା ରହିଛି। ଏଥିସହ ଉଷ୍ଣପ୍ରସ୍ରବଣ ସୌନ୍ଦର୍ଯ୍ୟକରଣ, ପାନୀୟଜଳ ଯୋଗାଣ, ଶୌଚାଳୟ ମରାମତି, ସ୍ୱଚ୍ଛତା, ଟ୍ରାଫିକ ନିୟନ୍ତ୍ରଣ, ହଟ୍ଟକେଶ୍ୱରଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ମକର ମେଳା ପୂର୍ବରୁ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ଦେଇଛନ୍ତି। ମକର ମେଳା ଓ ମହୋତ୍ସବକୁ ଦୃଷ୍ଟିରେ ରଖି ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହନିର୍ମାଣ, ପଞ୍ଚାୟତିରାଜ ଓ ପାନୀୟଜଳ, ପର୍ଯ୍ୟଟନ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ମକର ସଂକ୍ରାନ୍ତି ପୂର୍ବରୁ ଆବଶ୍ୟକ କାର୍ଯ୍ୟ ସାରିବାକୁ କହିଛନ୍ତି। ଅତ୍ରି ଉଷ୍ଣପ୍ରସ୍ରବଣର ଭିତ୍ତିଭୂମି ବିକାଶ, ନୂତନ ଅତିଥି ଭବନ ନିର୍ମାଣ ପାଇଁ ବିଗତ ସରକାରଙ୍କ ସମୟରେ ମଞ୍ଜୁର ହେଇଥିଲା। ବର୍ତ୍ତମାନ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଏହି ସ୍ଥାନକୁ ପରିଦର୍ଶନକରି ଏହାର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଉଷ୍ଣ ପ୍ରସ୍ରବଣ, ହଟ୍ଟକେଶ୍ୱର ପୀଠ ଏବଂ ଗମନାଗମନର ସୁବିଧା କରାଗଲେ ଓଡ଼ିଶା ମାନଚିତ୍ର ସ୍ଥାନିତ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ସହ ଏଠାକାର ଲୋକମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# ବାଣପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ





ଉତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

ବାଣପୁର,୧୯।୧୨(ଦିଲୀପ କୁମାର ସ୍ୱାଇଁ)

ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଏବଂ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ ଦେଶର ସେବା କରିବା ପାଇଁ ନିଜକୁ ପ୍ରସ୍ତୁତ ହେବା ଲାଗି ଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ନୃସିଂହ ପ୍ରସାଦ ମିଶ୍ର, ସରୋଜ କୁମାର ରଥ, ଦେବବ୍ରତ ବଡଜେନା, ଡ.ସୁରେନ୍ଦ୍ର ନାଥ ପାତ୍ର, ଡ.ଚିନ୍ତାମଣି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନଙ୍କ ଦ୍ୱାରା ବିଦ୍ୟାଳୟର ଏକ ନୂତନ ସଭାଗୃହ ଉଦ୍‌ଘାଟନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଏମ୍‌ସିସି କ୍ଲବ୍ ସାଲୁଣି ବିଜୟୀ

## ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଲିଗ୍ ମ୍ୟାଚ୍ ଗୁରୁବାର ସାଲୁଣି ଏମ୍‌ସିସି କ୍ଲବ ଏବଂ ରମାବିଲ ଆର୍‌ସି କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ସାଲୁଣି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଥିଲା। ଜବାବରେ ରମାବିଲ ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପିଣ୍ଟୁଆ ପ୍ରଧାନ ଏବଂ ନିବାସୀ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକରୀ ଲଛମନ ପରିଡ଼ା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ସାଗର, ବିକାଶ, ବାବାଲି, ଗୌର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ନରେନ୍ଦ୍ରପୁର ଏବଂ ଲୋଧାଚୁଆ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ କହିଛନ୍ତି।



ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଲିଗ୍ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

### ଜଟଣୀ ନଗର ଭାଜପାର ପ୍ରତିବାଦ

ଜଟଣୀ,୧୯।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଭାଜପା ସଦସ୍ୟମାନେ ଗୁରୁବାର ସଂସଦର ମକରଦ୍ୱାରରେ ବିକ୍ଷୋଭ କରୁଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜଣେ ଏମ୍‌ପିଙ୍କୁ ଠେଲିଦେଇଥିଲେ। ଫଳରେ ସେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଉପରେ ପଡ଼ିଯାଇଥିଲେ। ଏଥିରେ ପ୍ରତାପଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଗୁରୁତର ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ଜଟଣୀ ନଗର ଭାଜପା ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ସ୍ଥାନୀୟ ହରିଭାଇନା ଛକଠାରେ ବିକ୍ଷୋଭ ସହ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସତିଶ ଶର୍ମା, ନାଗଭୂଷଣ ରାୟ, ପ୍ରଶାନ୍ତ ପ୍ରଧାନ, ପ୍ରଶାନ୍ତ ବେହେରା, ଲିଟୁ ରଞ୍ଜନ ରାଉତରାୟ, ନାରାୟଣ ମହାନ୍ତି, ପରେଶ ପଟ୍ଟନାୟକ, ରଙ୍କ ମୁଦୁଲି, ଯୋଗେନ୍ଦ୍ର ନାୟକ, ପ୍ରଦୀପ ଜେନା, ଛବିନ୍ଦ୍ର ପାଇକରାୟ, ଚିତ୍ତରଞ୍ଜନ ସୁନ୍ଦରାୟଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ସେମିରେ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର



ଯାଁଳା,୧୯।୧୨(ବୁଲା ବାରିକ)

ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ରାଧାଚରଣପୁର ଖେଳପଡ଼ିଆରେ ଗୁରୁବାର ଏ.କେ. କ୍ଲବ ଅନୁଗୋଳ ଏବଂ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା। ଦ୍ୱିତୀୟାର୍ଦ୍ଧର ୧୦ମିନିଟ୍‌ରେ କଳିଙ୍ଗ ସ୍ପୋର୍ଟିଂ ଟିମ୍‌ର ମନୋଜ ସ୍ୱାଇଁ ଏବଂ ୧୫ମିନିଟରେ ବିକାଶ ନାୟକ ଗୋଟିଏ ଲେଖାଏ ମୋଟ୍ ଦୁଇଟି ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଏ.କେ. କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ କଳିଙ୍ଗ ସ୍ପୋର୍ଟିଂ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା, ଗିରିଶ ଜାନି ଏବଂ ଆନନ୍ଦ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ହେବ। ଶବର କ୍ରୀଡ଼ା ସଂଘର କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

